# ଭାଜପା ପତାକା ଚିରି ଗାଡ଼ି ଭାଙ୍ଗିଲେ

## ପ୍ରତିବାଦରେ ପିପିଲି-ଜଟଣୀ ମୁଖ୍ୟରାସ୍ତା ଅବରୋଧ, ପାଲଟା ଅଭିଯୋଗ ଆଣିଲା ବିଜେଡି

**ପିପିଲି/ଡେଲାଙ୍ଗ,୨୧ା୯ (ସ୍ୱ.ପ୍ର./ଡି.ଏନ୍.ଏ.)**

ପିପିଲି ଉପନିର୍ବାଚନ ପାଇଁ ସୋମବାରଠାରୁ ବିଧିବଦ୍ଧ ପ୍ରଚାର ଆରମ୍ଭ ହୋଇଛି। ୩୦ତାରିଖରେ ଭୋଟ ହେବାକୁ ଥିବାରୁ ପ୍ରଚାର ପାଇଁ ହାତରେ ଆଉ ମାତ୍ର ୭ଦିନ । ୩ ପ୍ରମୁଖ ଦଳ ଭାଜପା, ବିଜେଡି ଏବଂ କଂଗ୍ରେସ ପକ୍ଷରୁ ପ୍ରଚାର ଜୋରଦାର କରାଗଲାଣି। କୋଭିଡ୍ ଗାଇଡ୍‌ଲାଇନ ମାନି ପ୍ରଚାର କରିବାକୁ ନିର୍ଦ୍ଦେଶ ରହିଛି। ହେଲେ ମଙ୍ଗଳବାର ପ୍ରଚାର ସମୟରେ ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି।

କଣ୍ଟି ପଞ୍ଚାୟତରେ ମଙ୍ଗଳବାର ପୂର୍ବାହ୍ନରେ ଭାଜପା କର୍ମୀମାନେ ପ୍ରଚାର କରିବା ସମୟରେ କେତେଜଣ ବିଜେଡି କର୍ମୀ ସେଠାରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଏଥିସହ ଭାଜପାର ପତାକାକୁ ଚିରିଦେବା ଏବଂ ପ୍ରଚାର ଗାଡ଼ି ଭଙ୍ଗାରୁଜା କରି ଡ୍ରାଇଭରଙ୍କ ଠାରୁ ଟଙ୍କା ଲୁଟି ନେଇଯାଇଥିଲେ। ଏନେଇ ଭାଜପା କର୍ମୀମାନେ ପିପିଲି ଥାନାରେ ଅଭିଯୋଗ କରିବା ସହ ପିପିଲି-ଜଟଣୀ ମୁଖ୍ୟ ରାସ୍ତା ବାରିମୁଳ ଛକଠାରେ ରାସ୍ତା ଅବରୋଧ କରିଥିଲେ। ଫଳରେ କିଛି ସମୟ ପାଇଁ ସାଧାରଣରେ ଯାତାୟାତ ବ୍ୟାହତ ହୋଇଥିଲା। ଖବରପାଇ ପିପିଲି ଥାନାଧିକାରୀ ଅଭିମନ୍ୟୁ ନାୟକ ଘଟଣାସ୍ଥଳରେ ପହଞ୍ଚି ଭାଜପା କର୍ମୀଙ୍କ ସହ ଆଲୋଚନା କରି ତୁରନ୍ତ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହାର ହୋଇଥିଲା। ତେବେ ବିଜେଡିର ଏଭଳି ଗୁଣ୍ଡାରାଜକୁ ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ଘୋର ନିନ୍ଦା କରିବା ସହ ପରିବର୍ତ୍ତନର ଭୟ ଏବେଠାରୁ ଶାସକ ଦଳକୁ ଘାରିଲାଣି ବୋଲି କହିଛନ୍ତି। ଅନ୍ୟପଟେ ବିଜେଡି ପକ୍ଷରୁ ମଧ୍ୟ ଥାନାରେ ଏକ ପାଲଟା ଅଭିଯୋଗ କରାଯାଇଛି। ପ୍ରଚାର କରୁଥିବାବେଳେ ଭାଜପା କର୍ମୀମାନେ ବିଜେଡି କର୍ମୀଙ୍କୁ ମାଡ଼ ମାରିବା ସହ ସେଠାରେ ଥିବା ମହିଳାଙ୍କ ପ୍ରତି ଅସଦାଚରଣ କରିଥିଲେ। ଏପରିକି ଭାଜପା କର୍ମୀଙ୍କ ମାଡ଼ରେ ଜଣେ ବିଜେଡି ମହିଳା କର୍ମୀଙ୍କ ହାତ ଭାଙ୍ଗିଥିବା ଅଭିଯୋଗ ହୋଇଛି। ପୋଲିସ ଉଭୟ ଅଭିଯୋଗକୁ ଗ୍ରହଣ କରି ତଦନ୍ତ ଆରମ୍ଭ କରିଛି। ଭାଜପା କରିଥିବା ଅଭିଯୋଗକୁ ବିଜେଡି ନେତା ମକର ପ୍ରଧାନ କଟାକ୍ଷ କରି କହିଛନ୍ତି ଯେ, ବିଜେଡି ଏକ ଶୃଙ୍ଖଳିତ ଦଳ। ମିଥ୍ୟା ଆରୋପ ଲଗାଇ ଭାଜପା ଏଭଳି ଡ୍ରାମା କରି ହୀନ ରାଜନୀତି କରୁଛି ।

**ପିପିଲିରେ ନିର୍ବାଚନୀ ହିଂସା**


ପିପିଲି ଜଟଣୀ ମୁଖ୍ୟ ରାସ୍ତା ଅବରୋଧ କରି ବିକ୍ଷୋଭ କରୁଥିବା ଭାଜପା କର୍ମୀ।


ବିକ୍ଷୋଭକାରୀଙ୍କୁ ପୋଲିସ ବୁଝାଉଛି।

## ପ୍ରଚାରରେ ହେଭିୱେଟ୍

ପିପିଲି ଉପନିର୍ବାଚନ ପାଇଁ ଜୋରସୋର ପ୍ରଚାର ଚାଲିଛି। ପଲିଟିକାଲ ଗୀତରେ ଝୁମୁଛି ପିପିଲି-ଡେଲାଙ୍ଗ ନିର୍ବାଚନ ମଣ୍ଡଳୀ। ମଙ୍ଗଳବାର ପ୍ରଚାରର ଦ୍ୱିତୀୟ ଦିନରେ ପିପିଲି ଏନ୍‌ଏସିରେ ଭାଜପା ମାରାଥନ ପ୍ରଚାର କରିଛି। ଏହି ପ୍ରଚାରରେ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ସହ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡ. ସମ୍ବିତ ପାତ୍ର, ନେତ୍ରୀ ମନୋସ୍ମିତା ଖୁଣ୍ଟିଆ ଓ ଏନ୍‌ଏସିର କର୍ମୀମାନେ ଯୋଗଦେଇ ୬ ନଂ.ରୁ ୧୩ ନଂ ୱାର୍ଡ ପର୍ଯ୍ୟନ୍ତ ପରିକ୍ରମା କରିଛନ୍ତି। ଘର ଘର ବୁଲି ସମସ୍ତେ ଦଳୀୟ ପ୍ରାର୍ଥୀ ପଟ୍ଟନାୟକଙ୍କ ପାଇଁ ଭୋଟ୍ ମାଗିଛନ୍ତି। ରାଜ୍ୟ ସରକାରଙ୍କ ଅପାରଗତା ଗରିବଙ୍କ ପ୍ରତି ଅବହେଳା ଓ କେନ୍ଦ୍ର ଦେଉଥିବା ଟଙ୍କାକୁ ଗରିବଙ୍କ ନିକଟରେ ପହଞ୍ଚାଉ ନ ଥିବା ଅଭିଯୋଗ କରି ଲୋକଙ୍କ ଆସ୍ଥାଭାଜନ ହେବାକୁ ଚେଷ୍ଟା କରିଛି ଭାଜପା। ନିଶ୍ଚିତ ଭାବେ ପିପିଲିରେ ପରିବର୍ତ୍ତନ ଆସିବ ବୋଲି ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ କହିଛନ୍ତି।

ସେପଟେ କଂଗ୍ରେସ ପ୍ରାର୍ଥୀ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର ସମର୍ଥକଙ୍କ ସହ ପିପିଲି କଣ୍ଟି ପଞ୍ଚାୟତର ବିଭିନ୍ନ ୱାର୍ଡ ବୁଲି ଲୋକମାନଙ୍କଠାରୁ ଭୋଟ ଭିକ୍ଷା କରିଛନ୍ତି। କେନ୍ଦ୍ର ସରକାରଙ୍କ ଦରଦାମ ବୃଦ୍ଧି ଓ ରାଜ୍ୟ ସରକାରଙ୍କ ମନମୁଖି ଶାସନକୁ ପ୍ରତ୍ୟାଖ୍ୟାନ କରି କଂଗ୍ରେସକୁ ସମର୍ଥନ କରିବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି। ଡେଲାଙ୍ଗ ବ୍ଲକର କାଠବାଡ ପଞ୍ଚାୟତର ରାମଚନ୍ଦ୍ରପୁରରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବ୍ଲକ ସଭାପତି ରବୀନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ବିଜେଡି ପକ୍ଷରୁ ଡେଲାଙ୍ଗ ବ୍ଲକର ବେରବୋଇ, ଅରିସଲ ଓ ଖେଲାଉର ପଞ୍ଚାୟତରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଏମ୍‌ପି ପିନାକୀ ମିଶ୍ର, ବିଧାୟକ ଉମାକାନ୍ତ ସାମନ୍ତରାୟ, ଦେବୀରଞ୍ଜନ ତ୍ରିପାଠୀ, ପୁରୀ ଜିଲା ସଭାପତି ମହେଶ୍ୱର ମହାନ୍ତି, ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ, ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀ, ଜିଲା ପରିଷଦ ସଭ୍ୟ ଦେବାଶିଷ ନନ୍ଦ, ବ୍ଲକ ସଭାପତି ବୈରାଗୀ ଜେନା, ବାସନ୍ତୀ ସାହୁ, ବେରବୋଇ ସଭାପତି ଗୋପାଳ ଚନ୍ଦ୍ର ସ୍ୱାଇଁ, ଅରିସଲ ସଭାପତି ବିପନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବେରବୋଇ ମେଳନ ପଡ଼ିଆରେ ଅନୁଷ୍ଠିତ ସମ୍ମିଳନୀରେ ବିଭିନ୍ନ ଦଳରୁ ପ୍ରମୋଦ ସ୍ୱାଇଁ, ପ୍ରଫୁଲ୍ଲ ଜେନା, ରମେଶ ଚନ୍ଦ୍ର ପଣ୍ଡା, ମହେଶ୍ୱର ନାୟକଙ୍କ ସମେତ ୧୫ରୁ ଉର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ସେହିପରି ଅରିସଲର କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ସମ୍ମିଳନୀରେ ଦଳର ନେତୃମଣ୍ଡଳୀମାନେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରି ଦଳୀୟ ପ୍ରାର୍ଥୀ ପାଇଁ ଭୋଟ ଭିକ୍ଷା କରିଥିଲେ।




ଡେଲାଙ୍ଗରେ ଅନୁଷ୍ଠିତ ବିଜେଡି କର୍ମୀ ସମ୍ମିଳନୀରେ ଏମ୍‌ପି ପିନାକୀ ମିଶ୍ର ଓ ଅନ୍ୟ ନେତୃବୃନ୍ଦ। କର୍ମୀଙ୍କ ସହ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ। ପିପିଲି ଏନ୍‌ଏସିରେ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ସହ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ପ୍ରଚାର କରୁଛନ୍ତି।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଶିବପ୍ରସାଦ


@ ତାପସ


@ ଦୀପକ


@ ପ୍ରତ୍ୟୁଷ


@ ଅରୁଣ

## ଅକ୍ଟୋବରରେ ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତା

**ପୁରୀ ଅଫିସ, ୨୧ା୯:** ପୁରୀରେ ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତା ଆୟୋଜନ ଏବଂ ଜାଗା ଆଖଡ଼ାର ପାରମ୍ପରିକ କ୍ରୀଡ଼ା କୁସ୍ତିର ଉତ୍‌ଥାନ ନେଇ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସମର୍ଥ ବର୍ମା ଅଧ୍ୟକ୍ଷତା କରିଥିଲେ। ଅକ୍ଟୋବର ୭ ଓ ୮ ତାରିଖରେ ନୀଳାଦ୍ରି ବିଚ୍‌ରେ ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତା ଆୟୋଜନ ହେବ। ଉଭୟ ପୁରୁଷ ଓ ମହିଳାଙ୍କ ମଧ୍ୟରେ ସବ୍‌ଜୁନିୟର, ଜୁନିୟର, ସିନିୟର ବର୍ଗରେ ପ୍ରତିଯୋଗିତା ହେବ। ପ୍ରଥମ ସ୍ଥାନ ହାସଲକାରୀଙ୍କୁ ୫ହଜାର ଟଙ୍କା ସହ ଟ୍ରାକ ଶୁଟ୍, ଜୋତା ଏବଂ ଦ୍ୱିତୀୟ ସ୍ଥାନ ହାସଲକାରୀଙ୍କୁ ୩ହଜାର ଟଙ୍କା ସହ ଟ୍ରାକ ଶୁଟ, ଜୋତା ପ୍ରଦାନ କରାଯିବ। ସେହିପରି ୧୬ଟି ଓଜନ ବର୍ଗରେ କୁସ୍ତି ପ୍ରତିଯୋଗିତା ହେବ। ସମସ୍ତ ପ୍ରତିଯୋଗୀଙ୍କ ପାଇଁ ଟି ସାର୍ଟ ବ୍ୟବସ୍ଥା କରାଯିବ। ପ୍ରତିଯୋଗିତାକୁ ଓଡ଼ିଶା କୁସ୍ତି ସଂଘ, ପୁରୀ ଜିଲା କ୍ରୀଡ଼ା ସଂସଦ, ଜାଗା ଆଖଡ଼ା ସଂଘ ଏବଂ ଜିଲା ପ୍ରଶାସନ ମିଳିତ ଭାବେ ପରିଚାଳନା କରିବେ। ବୈଠକରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଓଡ଼ିଶା କୁସ୍ତି ସଂଘ ସଭାପତି ରାମଚନ୍ଦ୍ର ପାଢ଼ୀ, ସମ୍ପାଦକ କିଶୋର ବେହେରା, କୋଷାଧ୍ୟକ୍ଷ କୁମାର ରାଏ, ପୁରୀ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ଜିଲା ଉପସଭାପତି ରାମଚନ୍ଦ୍ର ଦାସମହାପାତ୍ର, ପୂର୍ବତନ ଡିଏସ୍‌ଓ ରବିନ୍ଦ୍ର ସେନାପତି, ସଦସ୍ୟ କୃଷ୍ଣଚନ୍ଦ୍ର ପ୍ରତିହାରୀ, ଅମ୍ବାଲିକା ଜେନା, କୃଷ୍ଣଚନ୍ଦ୍ର ଦାଶ ଏବଂ ସୋମନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କୁଆଖାଇ ନଦୀରେ ବୁଲୁଛି କୁମ୍ଭୀର

**ବାରଙ୍ଗ,୨୧ା୯(ଡି.ଏନ୍.ଏ.)**



ରାଜଧାନୀ ଉପକଣ୍ଠ କୁଆଖାଇ ନଦୀରେ କୁମ୍ଭୀର ବୁଲୁଥିବା ଦେଖିବାକୁ ମିଳିଛି। ଫଳରେ ନଦୀକୂଳ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ମଙ୍ଗଳବାର ସକାଳେ ନଦୀକୁ ଗାଧୋଇବାକୁ ଯାଇଥିବା ଝିଙ୍କରଡିହ ଗ୍ରାମର କେତେଜଣ ମହିଳା କୁମ୍ଭୀରଟିକୁ ପାଣିରେ ପହଁରୁଥିବା ଦେଖି ଭୟରେ ଫେରି ଆସିଥିଲେ। ଏହି ଖବର ଗାଁରେ ଜଣାପଡିବା ପରେ ଯୁବକମାନେ ଏକାଠି ହୋଇ କୁମ୍ଭୀରଟିକୁ ଦେଖିବା ପାଇଁ ନଦୀପଠାକୁ ଯାଇଥିଲେ। କିନ୍ତୁ କୁମ୍ଭୀରକୁ ପାଇନଥିଲେ। ସେହିପରି ଦୁଇ ଦିନ ପୂର୍ବେ ପ୍ରତାପ ନଗରୀ ଗ୍ରାମ ନିକଟ କୁଆଖାଇ ନଦୀରେ ମଧ୍ୟ ଏକ କୁମ୍ଭୀରକୁ ଗ୍ରାମବାସୀ ଦେଖିବାକୁ ପାଇଥିଲେ। କେତେଜଣ ମଧ୍ୟ ତାଙ୍କ ମୋବାଇଲରେ କୁମ୍ଭୀରର ଫଟୋକୁ ଉଠାଇଥିଲେ। ଏଯାବତ କୁମ୍ଭୀରଟି କାହାରିକୁ ଆକ୍ରମଣ କରି ନ ଥିଲେ ମଧ୍ୟ ଲୋକଙ୍କ ମନରେ ଭୟର ବାତାବରଣ ଖେଳିଯାଇଛି। ଯଦିଓ ଲୋକମାନେ ନଦୀକୁ ଯିବା ବନ୍ଦ କରିଦେଇଛନ୍ତି। ବନ ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟିଦେଇ କୁମ୍ଭୀରଟିକୁ ଠାବ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜାଲରେ ପଡ଼ିଲା ୮ ଫୁଟର ଅଜଗର

**ବାରଙ୍ଗ,୨୧ା୯(ଡି.ଏନ୍.ଏ.)**



ମଞ୍ଚେଶ୍ୱର ଥାନା ଅଧୀନ ଟାଙ୍ଗିବନ୍ତ ଗ୍ରାମରୁ ମଙ୍ଗଳବାର ସକାଳ ଏକ ଅଜଗରକୁ ଉଦ୍ଧାର କରିଛନ୍ତି ଗ୍ରାମବାସୀ। ସକାଳେ ଟାଙ୍ଗିବନ୍ତ ଗ୍ରାମ ଖେଳପଡିଆ ନିକଟ ବୁଡନଈରେ ମାଛ ଧରିବା ପାଇଁ ବିଶ୍ୱଜିତ ଭୋଇ ଓ ତାଙ୍କ ସାଥୀମାନେ ଯାଇଥିଲେ। ମାଛ ମାରିବା ସମୟରେ ଜାଲରେ ଏକ ୮ ଫୁଟ ଲମ୍ବର ଅଜଗର ସାପ ଫସି ଯାଇଥିଲା।ସାପଟି ଜାଲରେ ପଡିଥିବାର ଦେଖି ବିଶ୍ୱଜିତ ଜାଲ ସହ ସାପଟିକୁ ଗାଁକୁ ଆଣିଥିଲେ। ସାପଟିକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଲାଗିରହିଥିଲା। ଖବରପାଇ ମଞ୍ଚେଶ୍ୱର ବନଖଣ୍ଡ ଫରେଷ୍ଟର କମଳାକାନ୍ତ ଶ୍ରୀଚନ୍ଦନ, ଫରେଷ୍ଟ ଗାର୍ଡ ଦିଲୀପ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ସ୍ନେକ ହେଲ୍ପ ଲାଇନର ସହାୟତାରେ ଅଜଗରଟିକୁ ସୁରକ୍ଷିତ ଭାବେ ଜାଲରୁ ବାହାର କରି ନିକଟସ୍ଥ ଚନ୍ଦକା ଜଙ୍ଗଲରେ ଛାଡି ଦିଆଯାଇଛି। ତେବେ ସାପଟିର ବୟସ ଦୁଇ ବର୍ଷ ହେବ ବୋଲି ଜଣାପଡିଛି।

## ଯାତ୍ରୀନିବାସ ଭୂସମ୍ପତ୍ତିର ସୁରକ୍ଷା ନେଇ ଦାବିପତ୍ର

**ପୁରୁଣା ଭୁବନେଶ୍ୱର,୨୧ା୯(ଡି.ଏନ୍.ଏ.)**

ଶ୍ରୀଲିଙ୍ଗରାଜ ମନ୍ଦିର ଉତ୍ତରପୂର୍ବ କୋଣରେ ରହିଥିବା ଯାତ୍ରୀ ନିବାସ ଭୂସମ୍ପତ୍ତି ଲିଙ୍ଗରାଜଙ୍କ ବୋଲି ଦାବିରେ ମଙ୍ଗଳବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଦେବୋତ୍ତର କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମ୍ପତ୍ତିର ମାଲିକାନା ପରିବର୍ତ୍ତନ କରାଯାଇଥିବା ଏବଂ ଜମି ଅଧିଗ୍ରହଣରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗୌତମ ନଗରରେ କୋଟି କୋଟି ଟଙ୍କାର ସମ୍ପତ୍ତି ବଦଳ କରିବାକୁ ବିରୋଧ କରିଛି। ଏହାକୁ ତର୍ଜମା କରାଯାଇ ପ୍ରକୃତ ଜମି ଅଧିଗ୍ରହଣର ପ୍ରାପ୍ୟ କିଏ ନେବା ଦରକାର, ତାହା ବିଭାଗୀୟ ଅଧିକାରୀମାନେ ଯାଞ୍ଚ କରିବାକୁ କୁହାଯାଇଛି। ସଙ୍ଗଠନର ଅଧ୍ୟକ୍ଷ ଭୀଷ୍ମନାରାୟଣ ନାୟକଙ୍କ ନେତୃତ୍ୱରେ ଗୋପୀନାଥ ପ୍ରଧାନ, ମାନସ ରଞ୍ଜନ ପତି, ପ୍ରଭାତ କିଶୋର ମହାନ୍ତି, ରାଜୀବ ପୂଜାପଣ୍ଡା, ରାକେଶ ମିଶ୍ର, ସଂଗ୍ରାମ କିଶୋର ସାହୁ, ବିଜୟ ଭଟ୍ଟାଚାର୍ଯ୍ୟ, ଦିଲ୍ଲୀପ ସୁବୁଦ୍ଧି, ସ୍ୱପ୍ନାରାଣୀ ସାମଲ, ବିନୋଦିନୀ ସେନାପତି ସଞ୍ଜୁଲତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କାଲି ବାଘ, ଆଜି ଚିତା ବିରାଡ଼ି

**ଭୁବନେଶ୍ୱର, ୨୧ା୯(ବ୍ୟୁରୋ)**

କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍, ଡବ୍ଲ୍ୟୁସିସିବି ଓ ବାରିପଦା ବନଖଣ୍ଡ ସୋମବାର ବାରିପଦାଠାରେ ମିଳିତ ଚଢ଼ାଉ କରି ଦୁଇଜଣଙ୍କୁ ଗିରଫ କରିବା ସହ ବାଘଛାଲ ଜବତ କରିଥିଲା। ଜବତ ଛାଲକୁ ଗଣମାଧ୍ୟମ ସମ୍ମୁଖରେ ରଖି ତାହା ଏକ ଛୁଆ କଲରାପତରିଆ ବାଘର ବୋଲି କୁହାଯାଇଥିଲା। ଏହି ଆଧାରରେ ବିଭିନ୍ନ ଗଣମାଧ୍ୟମ ବାଘଛାଲ ଜବତ ବୋଲି ଖବର ମଧ୍ୟ ପ୍ରକାଶ କରିଥିଲେ। ହେଲେ ମଙ୍ଗଳବାର ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଉକ୍ତ ଛାଲଟି ଏକ ଲିଓପାର୍ଡ କ୍ୟାଟ୍ ବା ଚିତା ବିରାଡ଼ିର ଛାଲ ବୋଲି ଚିହ୍ନଟ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟା ୬ଟାରେ ଡବ୍ଲ୍ୟୁସିସିବି ନିଜ ଫେସ୍‌ବୁକ୍ ପେଜ୍‌ରେ ତାହା ଏକ ଲିଓପାର୍ଡକ୍ୟାଟ୍ ବୋଲି ପୋଷ୍ଟ କରିଛନ୍ତି। ହେଲେ ଆଶ୍ଚର୍ଯ୍ୟଜନକ ଭାବରେ ଡବ୍ଲ୍ୟୁସିସିବି ପୋଷ୍ଟରେ ବାରିପଦା ବନଖଣ୍ଡର ନାମ ନ ଥିଲା। କେବଳ ଏସ୍‌ଟିଏଫ୍ ସହ ମିଳିତ କାର୍ଯ୍ୟାନୁଷ୍ଠାନ କଥା ଲେଖା ଯାଇଥିଲା। ଏହାକୁ ନେଇ ଏବେ ପ୍ରାଣୀ ବିଶେଷଜ୍ଞମାନେ ପ୍ରଶ୍ନ ଉଠାଇଛନ୍ତି। ବନ ବିଭାଗ, ଏସଟିଏଫ୍‌ର ଅଧିକାରୀମାନେ କିପରି ବାଘ ଓ ବିଲେଇର ଫରକ ବାରି ପାରିଲେ ନାହିଁ ବୋଲି ଶୁଭେନ୍ଦୁ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ, ଏହି ଲିଓପାର୍ଡ କ୍ୟାଟ୍ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ୧୯୭୨ ଅନୁଯାୟୀ ତଫସିଲ-୧ ଅନ୍ତର୍ଭୁକ୍ତ।

**ଛାଲ ଜବତ ଘଟଣା**



ଡବ୍ଲ୍ୟୁସିସିବିର ଫେସ୍‌ବୁକ୍ ପୋଷ୍ଟ।

## ବନ୍ଧୁକ ସହ ଧରାପଡ଼ିଲେ ବାଘ ଶିକାରୀ



ବାରିପଦାରୁ କଲରାପତରିଆ ବାଘଛାଲ ଜବତ ଘଟଣାର ମୁଖ୍ୟ ଅଭିଯୁକ୍ତ ଶିକାରୀଙ୍କୁ ମଙ୍ଗଳବାର ବନବିଭାଗ ଗିରଫ କରିଛି। ତାଙ୍କଠାରୁ ୨ ଦେଶୀ ବନ୍ଧୁକ, ୫ ଧନୁଶର, ୧୭ ତୀର, ଫାଶ ଓ ଜାଲ ଜବତ ହୋଇଛି। ଅଭିଯୁକ୍ତ ଜଣକ ହେଲେ ବାରିପଦା ସଦର ଥାନା ଅଧୀନ କେନ୍ଦୁଝରୀ ଗ୍ରାମର ଲକ୍ଷ୍ମଣ ମୁର୍ମୁ। ଡିଏଫ୍‌ଓ ସନ୍ତୋଷ ଯୋଶୀଙ୍କ ନିର୍ଦ୍ଦେଶକ୍ରମେ ବନବିଭାଗ କର୍ମଚାରୀମାନେ ତାଙ୍କ ଘରେ ଚଢ଼ାଉ କରି ଧରିଥିଲେ। ଉଲ୍ଲେଖଯୋଗ୍ୟ, ସୋମବାର ବାଘ ଛାଲ କାରବାର ଘଟଣାରେ ଜଡ଼ିତ ଥିବା ଦୁଇ ଅଭିଯୁକ୍ତ ବଡ଼ସାହି ଥାନା ଅଧୀନ ଉଠାଣୀନୂଆଗାଁ ଗ୍ରାମର ବିକାଶ ବେଷ୍ଟକର ଓ ଖାନୁଆ ପଞ୍ଚାୟତ ପଳାଶବଣୀ ଗ୍ରାମର ଇଞ୍ଜିନିୟରିଂ ଛାତ୍ର ବିକାଶ ବିନୟ ସିଂଙ୍କୁ ଗିରଫ କରାଯାଇଥିଲା । ସ୍ୱତନ୍ତ୍ର ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଚଢ଼ାଉ କରି ୨ ଫୁଟର କଲରାପତରିଆ ବାଘ ଛାଲକୁ ଜବତ କରି ବନବିଭାଗକୁ ହସ୍ତାନ୍ତର କରିଥିଲା। ତେବେ ଦେଶୀ ବନ୍ଧୁକ କେଉଁଠୁ ଆସିଲା ଓ ତାକୁ କିଏ ତିଆରି କରୁଛି ତଦନ୍ତ ହେଲେ ଚୋରା ବନ୍ଧୁକ କାରଖାନା ଠାବ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ବିନ୍ଦୁସାଗର, ପାଦଗୟା କୁଣ୍ଡରେ ଅପରପକ୍ଷ ଶ୍ରାଦ୍ଧ ଆରମ୍ଭ

ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.): ବିନ୍ଦୁସାଗର ଓ ସୁକ୍ଷେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରହିଥିବା ପାଦଗୟା କୁଣ୍ଡରେ ମଙ୍ଗଳବାରରୁ ଅପରପକ୍ଷ ଶ୍ରାଦ୍ଧ ଆରମ୍ଭ ହୋଇଛି। ୧୫ଦିନ ପର୍ଯ୍ୟନ୍ତ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବେ ଶ୍ରଦ୍ଧାଳୁ। ପ୍ରଥମ ଦିନରେ ବାଲକାଟି, ପିପିଲି, ଭୂଷଣ୍ଡପୁର, ନଖରା, ଜଟଣୀ ଆଦି ଅଞ୍ଚଳର ଶ୍ରଦ୍ଧାଳୁମାନେ ଏଠାରେ ପିଣ୍ଡଦାନ କରିଥିଲେ। ଅନ୍ୟପଟେ ପାଦଗୟା କୁଣ୍ଡ ପରିତ୍ୟକ୍ତ ଥିବାରୁ କେତେକ ଶ୍ରଦ୍ଧାଳୁ ବିନ୍ଦୁ ସାଗରରେ ପିଣ୍ଡଦାନ କରିଥିଲେ। ପାଦଗୟା କୁଣ୍ଡର ପୁନରୁଦ୍ଧାର ପାଇଁ ଶ୍ରୀରାମ ନଗର, ସାମନ୍ତରାପୁର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନି ବୋଲି ମଞ୍ଚର ହଳଧର ମଲିଆ କହିଛନ୍ତି।

**ସଂକ୍ଷେପରେ**

## ୬୦ ଏସ୍ଆଇ, ଏଏସ୍ଆଇଙ୍କ ବଦଳି

ଭୁବନେଶ୍ୱର,୨୧।୯(ବ୍ୟୁରୋ): ସୋମବାର କମିଶନରେଟ ପୋଲିସରେ ବଡଧରଣ ଅଦଳବଦଳ କରାଯାଇଛି। ଭୁବନେଶ୍ୱର ୟୁପିଡିର ବିଭିନ୍ନ ଥାନାରେ କାର୍ଯ୍ୟରତ ଥିବା ୬୦ ଏସ୍ଆଇ ଓ ଏଏସ୍ଆଇଙ୍କୁ ବଦଳି କରାଯାଇଛି। ଏମାନଙ୍କ ମଧ୍ୟରେ ୪୭ଜଣ ଏଏସଆଇ ଥିବାବେଳେ ୧୩ଜଣ ଏସ୍ଆଇ ଅଛନ୍ତି। ଏନେଇ କମିଶନରେଟେ ପୋଲିସ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବଦଳି ହୋଇଥିବା ଅଧିକାରୀଙ୍କ ମଧ୍ୟରେ ଅଧିକାଂଶ ଦୀର୍ଘବର୍ଷ ଧରି ଗୋଟିଏ ଥାନାରେ ରହିଥିବା ଜଣାପଡିଛି।

## ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ଖ୍ରୀଷ୍ଟ କଲେଜ ପରିଦର୍ଶନ

କଟକ ଅଫିସ,୨୧।୯: କଟକ ଖ୍ରୀଷ୍ଟ କଲେଜରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହେବା ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ଗଙ୍ଗାଧର ନାୟକ ପରିଦର୍ଶନ କରିଥିଲେ। ଏହି କଲେଜର ନିଜସ୍ୱ ଜମି, ଆବଶ୍ୟକ ଶ୍ରେଣୀଗୃହ, ଆର୍ଥିକ ସ୍ୱଚ୍ଛଳତା, ଗମନାଗମନ ଭିତ୍ତିକ ଉତ୍ତମ ସ୍ଥାନ, ଆବଶ୍ୟକ ସଂଖ୍ୟକ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ, ସୁସ୍ଥ ଶୈକ୍ଷିକ ବାତାବରଣ, ଅନର୍ସ ଉତ୍ତୀର୍ଣ୍ଣ ହେଉଥିବା ବହୁସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ଲକ୍ଷ୍ୟରେ ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ଏହାର ବାସ୍ତବ ସ୍ଥିତି ଅନୁଧ୍ୟାନ କରି ଗଙ୍ଗାଧର ସନ୍ତୋଷ ପ୍ରକାଶ କରିବା ସହିତ ଖ୍ରୀଷ୍ଟ କଲେଜର ଶିକ୍ଷା, ରସାୟନ ବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନରେ ୧୬ଟି ଲେଖାଏ ସିଟ୍ ୨୦୨୧-୨୦୨୨ ଶିକ୍ଷାବର୍ଷରୁ ଆରମ୍ଭ କରିବା ପାଇଁ ଅନୁମତି ପ୍ରଦାନ କରିଥିଲେ।

## ଉତ୍କଳ ବଙ୍ଗୀୟ ତମ୍ବୁଲି ସମାଜ ପକ୍ଷରୁ ମଙ୍ଗଳଚଣ୍ଡୀ ପୂଜା



କଟକ ଅଫିସ,୨୧।୯: ଉତ୍କଳ ବଙ୍ଗୀୟ ତମ୍ବୁଲି ସମାଜ ପକ୍ଷରୁ କଟକ ଚୌଧୁରୀବଜାର ଦୁର୍ଗା ମଣ୍ଡପରେ ମା' ମଙ୍ଗଳଚଣ୍ଡୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟସଭା ସଦସ୍ୟ ସୁବାସ ସିଂ, କେନ୍ଦ୍ରାପଡା ଏମ୍ପି ଅନୁଭବ ମହାନ୍ତି, ବିଧାୟକ ମହମ୍ମଦ ମୋକିମ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ସମୀର ଦେ, ଜୀବନ ବିନ୍ଦୁ ସଂଯୋଜକ ରଞ୍ଜନ ବିଶ୍ୱାଳ, କମିଟିର ମୁଖ୍ୟ ଉପଦେଷ୍ଟା ନୃସିଂହ ଚରଣ ମଲ୍ଲିକଙ୍କ ସମେତ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସଭାପତି ଦୀପକ ନନ୍ଦୀ, ସମ୍ପାଦକ ଅଞ୍ଜନ ମଲ୍ଲିକ, କୋଷାଧକ୍ଷ କାଳନ୍ଦୀ ନାରାୟଣ ମଲ୍ଲିକଙ୍କ ସମେତ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରୀମଦ୍ ଭାଗବତ ମହାପୁରାଣ ଚାଳିଶା ଉନ୍ମୋଚିତ

ଫୁଲନଖରା,୨୧।୯(ଡି.ଏନ୍.ଏ.): କଟକ ସଦର ବ୍ଲକ ଆମଣ ପଞ୍ଚାୟତ ଅନ୍ତର୍ଗତ ଆମଣ ଗ୍ରାମର ସେନାପତି ଭବନ ପରିସରରେ ଜ୍ଞାନ ଭାରତୀ ପୁସ୍ତକର ଦ୍ୱିତୀୟ ସଂସ୍କରଣ ଶ୍ରୀମଦ୍ ଭାଗବତ ମହାପୁରାଣ ଚାଳିଶା ସୋମବାର ଉନ୍ମୋଚିତ ହୋଇଯାଇଛି। ଜ୍ଞାନ ଭାରତୀ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ଏହି ପୁସ୍ତକକୁ ମୁଖ୍ୟଅତିଥି ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ ଓ ସମ୍ମାନିତ ଅତିଥି ଯୁଧିଷ୍ଠିର ଭୋଳ ଉନ୍ମୋଚନ କରିଥିଲେ। ଏହି ଅବସରରେ ଜ୍ଞାନ ଭାରତୀ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ବଳରାମ ସେନାପତି ଓ ବିଜୟରାମ ଭୋଳଙ୍କୁ ସମ୍ମାନିତ କରାଯାଇଥିଲା। ବିନୋଦ କୁମାର ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାତିରେ ଝଗଡ଼ା, ସକାଳେ ମିଳିଲା ମୃତଦେହ

ଭୁବନେଶ୍ୱର,୨୧।୯(ବ୍ୟୁରୋ)

■ ସ୍ୱର୍ଗରଥରେ ନିଆଯାଉଥିବାବେଳେ ପୋଲିସ ଜବତ କଲା

■ ଥାନାରେ ସ୍ତ୍ରୀଙ୍କୁ ଅଟକ ରଖି ପଚରାଉଚରା

ରାତିରେ ଝଗଡ଼ା, ସକାଳେ ମିଳିଲା ମୃତଦେହ। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମଣା ମୁଣ୍ଡା ବସ୍ତିରେ ଜଣେ ବ୍ୟକ୍ତିଙ୍କ ଏପରି ସନ୍ଦେହଜନକ ମୃତ୍ୟୁକୁ ନେଇ ଚର୍ଚ୍ଚା ଚାଲିଛି। ମଙ୍ଗଳବାର ମୃତଦେହକୁ ସ୍ତ୍ରୀ ସ୍ୱର୍ଗରଥରେ ନେଇଯାଉଥିବାବେଳେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ତାହାକୁ ଜବତ କରିଛି। ମୃତକ ହେଲେ ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ପଣସପାର ଗ୍ରାମର ଶ୍ୟାମା ମୁଣ୍ଡାରି (୫୦)। ଅତିରିକ୍ତ ଥାନା ଅଧିକାରୀ ଅଶ୍ୱିନୀ କୁମାର ଜେନା ଓ ଜୋନ୍-୬ ଏସିପି ପ୍ରକାଶ ଚନ୍ଦ୍ର ପାଲ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିବାବେଳେ ସାଇଣ୍ଟିଫିକ୍ ଟିମ୍ ଯାଞ୍ଚ ସହ ନମୁନା ସଂଗ୍ରହ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଯାଇଛି। ଅପରପକ୍ଷରେ ଶ୍ୟାମାଙ୍କୁ ତାଙ୍କ ସ୍ତ୍ରୀ ପିଟିପିଟି ହତ୍ୟା କରିଥିବା ମୃତକଙ୍କ ସାନ ଭାଇ ସଂଗ୍ରାମ ମୁଣ୍ଡାରୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା(ନଂ.୪୦୫/୨୧) ରୁଜୁ କରିବା ସହ ମୃତକଙ୍କ ସ୍ତ୍ରୀ ଝିଙ୍କି ମୁଣ୍ଡାରି(୬୦)ଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏନେଇ ଜୋନ୍ ଏସିପି ପ୍ରକାଶ ଚନ୍ଦ୍ର ପାଲ୍ କହିଛନ୍ତି, ମୃତଦେହରେ କୌଣସି କ୍ଷତ ଚିହ୍ନ ନାହିଁ। ଠେଲାପେଲାରେ ଶ୍ୟାମା ପଡିଯାଇଥିବା ଓ ହୃଦ୍‌ଘାତ କିମ୍ବା ନିଶା ସେବନ ଦ୍ୱାରା ତାଙ୍କର ମୃତ୍ୟୁ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଛନ୍ତି। ସ୍ଥାନୀୟ ଲୋକଙ୍କ ସୂଚନାନୁସାରେ, ପ୍ରଥମ ସ୍ୱାମୀଙ୍କ ମୃତ୍ୟୁ ପରେ ଝିଙ୍କି ଗାଁରୁ ଭୁବନେଶ୍ୱର ଚାଲିଆସି ନିଜ ଦିଅର ଶ୍ୟାମାଙ୍କୁ ବିବାହ କରି ମୁଣ୍ଡା ବସ୍ତିରେ ରହୁଥିଲେ। ଉଭୟେ ଏଠାରେ ରହି ବିଏମ୍‌ସିର ଠିକା କର୍ମଚାରୀ ଭାବେ କାମ କରୁଥିଲେ। ଅନେକ ସମୟରେ ଉଭୟେ ନିଶାଦ୍ରବ୍ୟ ସେବନ କରି ମାରପିଟ୍ ଲାଗନ୍ତି। ରବିବାର ରାତିରେ ନିଶା ସେବନ କରି ଝିଙ୍କି ଓ ଶ୍ୟାମା ଝଗଡା ଲାଗିଥିଲେ। ଏହି ସମୟରେ ଶ୍ୟାମା ତଳେ ପଡିଯାଇଥିଲେ। ଶ୍ୟାମାଙ୍କୁ ବସ୍ତିର ୩ ଜଣ ଲୋକ ଖଟରେ ଶୋଇଦେଇ ଚାଲିଯାଇଥିଲେ। ସେହି ସମୟରେ ଶ୍ୟାମାଙ୍କର ମୃତ୍ୟୁ ହୋଇଥାଇପାରେ। ଝିଙ୍କି ଜାଣିବା ପରେ ଭୟରେ ପୋଲିସକୁ ନ ଜଣାଇ ମୟୂରଭଞ୍ଜରେ ରହୁଥିବା ତାଙ୍କ ଜ୍ୱାଇଁଙ୍କୁ ଖବର ଦେଇଥିଲେ। ସେ ଆସିବା ପରେ ଶବବୁହା ଗାଡ଼ି ସ୍ୱର୍ଗରଥରେ ନେଇଯାଉଥିବା ବେଳେ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ।



ଅନ୍ତର୍ଜାତୀୟ ଶାନ୍ତି ଦିବସ ପାଳନ ଅବସରରେ ମଙ୍ଗଳବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ୟୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କ ଅନୁଷ୍ଠାନର କର୍ମକର୍ତ୍ତା ମହମବତୀ ଜାଳି ଶାନ୍ତି କାମନା କରୁଛନ୍ତି।

## ରୁଦ୍ରାୟଣ ଆପାର୍ଟମେଣ୍ଟସ୍ଥିତ ୨ ବ୍ୟାଙ୍କ ସିଲ୍

ଭୁବନେଶ୍ୱର,୨୧।୯ (ବ୍ୟୁରୋ)

ଭୁବନେଶ୍ୱର ଦକ୍ଷିଣ ପଶ୍ଚିମ ଜୋନସ୍ଥିତ ସମ୍ ହସ୍ପିଟାଲ ସମ୍ମୁଖ ରୁଦ୍ରାୟଣ ଆପାର୍ଟମେଣ୍ଟରେ ଥିବା ଏସ୍‌ବିଆଇ ଓ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରକୁ ମଙ୍ଗଳବାର ବିଏମ୍‌ସି ସିଲ୍ କରାଯାଇଛି। ଆପାର୍ଟମେଣ୍ଟର ଗ୍ରାଉଣ୍ଡ୍ ଫ୍ଲୋରରେ ପାର୍କିଂ ପାଇଁ ଅନୁମତି ଥିବାବେଳେ ସେଠାରେ ଏହି ଦୁଇଟି ବ୍ୟାଙ୍କ୍ ଲିଜ୍‌ରେ ଦିଆଯାଇଥିଲା। ସେହିପରି ଅନୁମତି ନ ନେଇ ବେସ୍‌ମେଣ୍ଟ କରାଯାଇଛି। ଏ ନେଇ ସୂଚନା ପାଇବା ପରେ ବିଏମ୍‌ସି ପକ୍ଷରୁ ଗତ ୧୩ ତାରିଖରେ ନୋଟିସ ଦେବା ସହ ୭ଦିନ ସମୟ ଦିଆଯାଇଥିଲା। ମାତ୍ର ଆପାର୍ଟମେଣ୍ଟ ମାଲିକ ଏ ନେଇ କୌଣସି ପଦକ୍ଷେପ ନେଇ ନ ଥିଲେ। ବିଡିଏ, ବିଏମ୍‌ସି ଓ ପୋଲିସର ମିଳିତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଚଢାଉ କରାଯାଇ ଏହି ପଦକ୍ଷେପ ନିଆଯାଇଛି। ଏହି ସମୟରେ ବିଏମ୍‌ସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ସମ୍ପୃକ୍ତ ଜୋନ୍‌ର ଜୋନାଲ ଡେପୁଟି କମିଶନର ପ୍ରମୁଖ ଉପସ୍ଥିତ ଥିଲେ।


ବିଏମ୍‌ସି ଅଧିକାରୀମାନେ ସିଲ୍ କରୁଛନ୍ତି।

## ଏଣିକି ଉଲ୍ଲଂଘନକାରୀ ବାର୍ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୧।୯ (ବ୍ୟୁରୋ)

କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ରାତି ୧୦ଟା ପରେ ନାଇଟ୍ କର୍ଫ୍ୟୁ ଲାଗୁଥିଲେ ବି ବିଳମ୍ବିତ ରାତିଯାଏ ସହରର ବିଭିନ୍ନ ବାର୍‌ରେ ନୃତ୍ୟ, ଗୀତ ଓ ମଦ ମାଂସର ଆସର ଜମୁଛି। ଗତ ଶୁକ୍ରବାର ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟରରେ ଥିବା ଦୁଇ ବାର୍ ଉପରେ ଚଢାଉବେଳେ ବିଏମ୍‌ସି କର୍ମଚାରୀଙ୍କ ଉପରେ ଆକ୍ରମଣ କରାଯାଇଥିଲା। ସେମାନଙ୍କୁ ଲିଫ୍ଟରେ ଅଟକ ରଖାଯାଇଥିଲା। ଏହାପରେ ଏବେ ବିଏମ୍‌ସି ଓ ପୋଲିସ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛନ୍ତି। ନିୟମ ଖିଲାପ କଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି ଉମାଶଙ୍କର ଦାଶ ଚେତାବନୀ ଦେଇଛନ୍ତି।

## ୨ ମୃତଦେହ ଜବତ

କଣ୍ଟାପଡା/ଟାଙ୍ଗୀ(କଟକ), ୨୧।୯(ଡି.ଏନ୍.ଏ.)

କଣ୍ଟାପଡା ବ୍ଲକ ବାବାଜା ନିକଟ କନ୍ଦଳ ନଦୀକୂଳରୁ ଜଣେ ମହିଳାଙ୍କ ମୃତଦେହକୁ ମଙ୍ଗଳବାର ଗୋବିନ୍ଦପୁର ପୋଲିସ ଜବତ କରିଛି। ମୃତାଙ୍କ ପରିଚୟ ମିଳିପାରି ନାହିଁ ଏ ନେଇ ଥାନାରେ ମାମଲା(ନଂ. ୧୦/୨୧) ରୁଜୁ ହୋଇଛି। ସୋମବାର ସନ୍ଧ୍ୟାରେ ଉକ୍ତ ସ୍ଥାନରେ ମୃତଦେହ ଭାସୁଥିବା ଖବରପାଇ ଏଏସ୍ଆଇ ଦୁର୍ଯ୍ୟୋଧନ ସେଠୀ ପହଞ୍ଚି ମୃତଦେହ ଜବତ କରିଥିଲେ। ସେହିପରି ଟାଙ୍ଗୀ ଥାନା ବିଲତେରୁଆଁ ଗ୍ରାମସ୍ଥିତ ମାଧିଆଖାଲ ନାଳରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ଉକ୍ତ ସ୍ଥାନରେ ଦୁର୍ଗନ୍ଧ ହେବାରୁ ଗ୍ରାମବାସୀଙ୍କଠାରୁ ଖବରପାଇ ପୋଲିସ ଓ ଦମକଳ ବାହିନୀ ପହଞ୍ଚି ଦଳଭର୍ତ୍ତି ନାଳ ଭିତରୁ ମୃତଦେହ ଜବତ କରିଥିଲେ। ୬ଦିନ ତଳେ ଉକ୍ତ ନାଳରୁ ଦଳ ସଫା କରିବାକୁ କଟକ ଡ୍ରେନେଜ ବିଭାଗ ପକ୍ଷରୁ ନିଯୁକ୍ତ ଠିକାଦାର ୫ଜଣ ଶ୍ରମିକଙ୍କୁ ପଠାଇଥିଲେ। ପରେ ୪ ଜଣ ବାହାରିଥିଲେ ମଧ୍ୟ ଆଉ ଜଣେ ଆସି ନ ଥିଲେ। ପରେ ଚୌଦ୍ୱାରସ୍ଥିତ ଅଗ୍ନିଶମ କର୍ମଚାରୀ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହିତ ଏକ କାଗଜରେ ଗ୍ରାମବାସୀଙ୍କୁ ଦସ୍ତଖତ କରିବାକୁ କହିଥିଲେ। ଗ୍ରାମବାସୀ ଏଥିପାଇଁ ମନା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଅଗ୍ନିଶମ କର୍ମଚାରୀମାନେ ଚାଲିଯାଇଥିଲେ। ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ କହିଛନ୍ତି, ସମ୍ପୃକ୍ତ ଠିକାଦାରଙ୍କ ମୋବାଇଲ ବନ୍ଦ ଥିବାରୁ ତାଙ୍କୁ ଯୋଗାଯୋଗ କରାଯାଇପାରିନାହିଁ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର




ଭୁବନେଶ୍ୱର,୨୧।୯

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିସରରେ ମଙ୍ଗଳବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଏବଂ ରେଡକ୍ରସର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରକୁ ବିଶ୍ୱ ବିଦ୍ୟାଳୟର କୁଳପତି ବ୍ୟୋମକେଶ ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେ ରକ୍ତଦାନର ମହତ୍ୱ ଏବଂ ନିୟମିତ ବ୍ୟବଧାନରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ନାତକୋତ୍ତର ପରିଷଦର ଅଧିକାରୀ ପ୍ରଫେସର ଜଗନ୍ନାଥ କୁଅଁର, ଯୁବ ରେଡକ୍ରସ ଅଧିକାରୀ ଡ.ସୁଶୀଲ କୁମାର ପଟ୍ଟନାୟକ, କାର୍ଯ୍ୟକ୍ରମ ସଂଯୋଜକ ଡ.ଚକ୍ରଧର ବେହେରା ଏବଂ ଅଧ୍ୟାପକ ଡ.ଆଶିଷ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରୁ ୩୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ କାର୍ଯ୍ୟକ୍ରମ ଅଧିକାରୀ ଡ.ସନ୍ଦୀପ କୁମାର ରାଉତ ପରିଚାଳନା କରିଥିଲେ।

## ରାୟ ରାମାନନ୍ଦ ଜଣେ ମହାନ ସାଧକ, ଦାର୍ଶନିକ ଥିଲେ

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

ଶ୍ରୀ ଚୈତନ୍ୟଙ୍କ ପାର୍ଷଦ ରାୟ ରାମାନନ୍ଦ ପଟ୍ଟନାୟକ ଜଣେ ମହାନ ସାଧକ ଥିଲେ। ଅଭିଜ୍ଞ ପ୍ରଶାସକ ଓ କବି ଭାବରେ ମଧ୍ୟ ବେଶ୍ ସୁନାମ ଥିଲା। ତାଙ୍କ ନାଁରେ ରାଜ୍ୟସ୍ତରୀୟ ସାମାଜିକ, ଧାର୍ମିକ ତଥା ସାଂସ୍କୃତିକ ସଂଗଠନ 'ରାୟ ରାମାନନ୍ଦ ସ୍ମୃତି ପରିଷଦ ଓଡ଼ିଶା' ଗଠନ ଅବସରରେ ଅତିଥିମାନେ ଏହା କହିଛନ୍ତି। ମଙ୍ଗଳବାର ଧର୍ମବିହାର ଜଗନ୍ନାଥ ମନ୍ଦିର ପରିସରରେ ରାମାନନ୍ଦଙ୍କ ୯ମ ପିଢ଼ିର ବଂଶଧର ସମାଜସେବୀ ଦିଲୀପ ପଟ୍ଟନାୟକଙ୍କ ଆବାହକତ୍ୱରେ ରାଜ୍ୟସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ରାୟ ରାମାନନ୍ଦଙ୍କ ସ୍ମୃତିରକ୍ଷା, ଗବେଷଣା ଏବଂ ତାଙ୍କ ପ୍ରଚାରିତ ଧର୍ମ ଓ ଦର୍ଶନର ପ୍ରଚାର ପ୍ରସାର ପାଇଁ ଏହି ସଂଗଠନ କାର୍ଯ୍ୟ କରିବ ବୋଲି ପଟ୍ଟନାୟକ କହିଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ବିଷ୍ଣୁପ୍ରିୟା ଓତା, ବରିଷ୍ଠ ସାରସ୍ୱତ ସାଧକ ପୀତବାସ ରାଉତରାୟ, ଗବେଷକ ଡ. ଭାସ୍କର ଚନ୍ଦ୍ର ମିଶ୍ର, ଗୋପାଳ କୃଷ୍ଣ ଦାସ, ସାହିତ୍ୟିକ ଡ. ସୁରେଶ ଛୋଟରାୟ ପ୍ରମୁଖ ଯୋଗଦେଇ ରାୟ ରାମାନନ୍ଦଙ୍କ ସମ୍ପର୍କରେ କହିଥିଲେ। ଏଥିସହ ତାଙ୍କ ଜନ୍ମସ୍ଥାନ ପୁରୀ ବ୍ରହ୍ମଗିରିର ବେଣ୍ଟପୁର ଏବଂ କର୍ମସ୍ଥଳ ଦାକ୍ଷିଣାତ୍ୟର ରାଜ ମହେନ୍ଦ୍ରି ଓ ଶ୍ରୀକ୍ଷେତ୍ର ପୁରୀକୁ ନେଇ ଏକ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ବେଣ୍ଟପୁର ଗ୍ରାମକୁ ଐତିହ୍ୟ ଗ୍ରାମ ରୂପେ ଘୋଷଣା କରିବା ପାଇଁ ପ୍ରସ୍ତାବ ରଖାଯାଇଥିଲା।


ସମାରୋହରେ ଯୋଗଦେଇଥିବା ଅତିଥିମାନେ।

**ରାୟ ରାମାନନ୍ଦ ସ୍ମୃତି ପରିଷଦ ଓଡ଼ିଶା ଗଠିତ**

## ଜ୍ୟୋତିପ୍ରକାଶଙ୍କୁ ଝୁରିଲେ


ଡ୍ରେନ୍‌ରେ ଭାସିଯାଇ ମୃତ୍ୟୁବରଣ କରିଥିବା ଦଶମ ଶ୍ରେଣୀର ଛାତ୍ର ଜ୍ୟୋତିପ୍ରକାଶ ପଢୁଥିବା ୟୁନିଟ୍-୮ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ଛାତ୍ରୀଛାତ୍ରମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

## ରାଣୀ ଶୁକଦେଈଙ୍କ ଜୟନ୍ତୀ

ବାଙ୍କୀ,୨୧।୯(ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ରାଣୀ ଶୁକଦେଈଙ୍କ ୩୩୫ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ରାଣୀ ଶୁକଦେଈ ସ୍ମୃତି ପରିଷଦ ଓ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏହାକୁ ଆୟୋଜନ କରାଯାଇଥିଲା। ଏହି ଅବସରରେ କଲେଜ ପରିସରରେ ଥିବା ବୀରା ରାଣୀଙ୍କ ପ୍ରତିମୂର୍ତ୍ତିରେ ଅଧ୍ୟକ୍ଷ ଡ.ଅରୁଣ କୁମାର ବେହେରା ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ରାଣୀ ଶୁକଦେଈ ସ୍ମୃତି ପରିଷଦ ସମ୍ପାଦକ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଶ୍ରଦ୍ଧାଞ୍ଜଳି ଦେଇ ରାଣୀଙ୍କ ବୀରତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ରାଜକିଶୋର ପାଲ, ଶୈଳେନ୍ଦ୍ର ନାରାୟଣ ଦେଓ, ଡ.ଅଭିମନ୍ୟୁ ରଣା, ଅଧ୍ୟାପକ ଚିନ୍ମୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରସ୍ତାବିତ ମଦ ଦୋକାନକୁ ଗ୍ରାମବାସୀଙ୍କ ବିରୋଧ

ବାରଙ୍ଗ,୨୧।୯(ଡି.ଏନ୍.ଏ.)

ବାରଙ୍ଗସ୍ଥିତ ଅରିଲୋ ମୌଜାର ପ୍ଲଟନଂ.୫୯ରେ ଏକ ବିଦେଶୀ ମଦ ଦୋକାନ ହେବାକୁ ଯାଉଛି। କଟକ ମ୍ୟୁନିସିପାଲଟିର ୩ନଂ. ୱାର୍ଡ ବ୍ରଜବିହାରୀପୁରଠାରେ ହେବାକୁଥିବା ବିଦେଶୀ ମଦଦୋକାନକୁ ଏଠାକୁ ସ୍ଥାନାନ୍ତର କରାଯିବ। ଏହି ଖବର ଜଣାପଡିବା ପରେ ନରାଜ ମାର୍ଥାପୁର ଗ୍ରାମରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଆଗରୁ ଏଠାରେ ଏକ ବିଦେଶୀ ମଦଦୋକାନ ଥିଲା। ତାକୁ ସ୍ଥାନାନ୍ତର କରିବା ପାଇଁ ଗ୍ରାମବାସୀ ବହୁ ସଂଘର୍ଷ କରିବା ସହ ଶେଷରେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇଥିଲେ। ଏବେ ପ୍ରଶାସନ ପକ୍ଷରୁ ଆଉ ଏକ ମଦ ଦୋକାନର ପ୍ରସ୍ତାବର ନିଷ୍ପତ୍ତିକୁ ଏକ ଅଭିଶାପ ଭଳି ମନେ କରୁଛନ୍ତି ଗ୍ରାମବାସୀ। କଟକ ମ୍ୟୁନିସିପାଲଟିର ୩ନଂ ୱାର୍ଡ ବ୍ରଜବିହାରୀପୁରରେ ହେବାକୁଥିବା ବିଦେଶୀ ମଦଦୋକାନ ଅରିଲା ମୌଜାର ପ୍ଲଟନଂ. ୫୯କୁ ସ୍ଥାନାନ୍ତର କରାଯାଉଛି। ଏହି ପ୍ଲଟଟି ମହିମା ଆଶ୍ରମ ବ୍ରହ୍ମଅବଧୂତ ଗୁରୁଚରଣ ଦାଶଙ୍କ ନାମରେ ରହିଛି। ମାଲିକାନା ସତ୍ୱକୁ ନେଇ ବିବାଦ ଏବେ ବି କୋର୍ଟରେ ବିଚାରଧୀନ ରହିଛି। ହେବାକୁ ଥିବା ଏହି ମଦଦୋକାନଠାରୁ ୪ଶହ ମିଟରରେ ନରାଜ ସିଦ୍ଧେଶ୍ୱର ବିଦ୍ୟାମନ୍ଦିର, ୩ଶହ ମିଟର ଦୂରରେ ଫାୟାର ଟ୍ରେନିଂସେଣ୍ଟର ରହିଛି। ଏପରି ଏକ ସମ୍ବେଦନଶୀଳ ସ୍ଥାନରେ ମଦଦୋକାନ କରାଗଲେ ଏହି ଅନୁଷ୍ଠାନଗୁଡିକର ପରିବେଶ ଗଭୀର ଭାବେ ପ୍ରଭାବିତ ହେବ ବାଲେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଗ୍ରାମରୁ ଏକ ପ୍ରତିନିଧିଦଳ କଟକ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟଙ୍କୁ ଭେଟି ମଦଦୋକାନ ସ୍ଥାନାନ୍ତରକୁ ବାତିଲ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଶାସନ ପକ୍ଷରୁ କରାଯାଇଥିବା ନିଷ୍ପତ୍ତିର ପୁନର୍ବିଚାର କରିବା ସହ ମଦଦୋକାନ ସ୍ଥାନାନ୍ତରକୁ ବାତିଲ କରା ନ ଗଲେ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି।


ବ୍ରଜବିହାରୀପୁର ଗ୍ରାମବାସୀ ଦାବିପତ୍ର ଦେଉଛନ୍ତି ।

**ଫଟୋରେ ଖବର**



ଭୁବନେଶ୍ୱରରେ ମୁକୁଳା ଡ୍ରେନ୍‌ରେ ଭାସିଯାଇ ମୃତ୍ୟୁବରଣ କରିଥିବା ଛାତ୍ର ଜ୍ୟୋତିପ୍ରକାଶ ବେହେରାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ସହରବାସୀଙ୍କ କ୍ୟାଣ୍ଡେଲ ଶୋଭାଯାତ୍ରା।


୫୦ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି କରି ଛାତ୍ର କଂଗ୍ରେସ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ ସହ ବିଏମ୍‌ସି କମିଶନର ଓ ଅନ୍ୟମାନଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।



ଛାତ୍ର ମୃତ୍ୟୁ ଘଟଣା ପାଇଁ ଭୁବନେଶ୍ୱର ମହାନଗର ନିଗମକୁ ଦାୟୀ କରି ମାଷ୍ଟରକ୍ୟାଣ୍ଟିନ ଛକରେ ଏବିଭିପିର ବିକ୍ଷୋଭ।

# ରାତିରେ ଝଗଡ଼ା, ସକାଳେ ମିଳିଲା ମୃତଦେହ

**ଭୁବନେଶ୍ୱର,୨୧।୯(ବ୍ୟୁରୋ)**

- ସ୍ୱର୍ଗରଥରେ ନିଆଯାଉଥିବାବେଳେ ପୋଲିସ ଜବତ କଲା
- ଥାନାରେ ସ୍ତ୍ରୀଙ୍କୁ ଅଟକ ରଖି ପଚରାଉଚରା

ରାତିରେ ଝଗଡ଼ା, ସକାଳେ ମିଳିଲା ମୃତଦେହ। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମଣା ମୁଣ୍ଡା ବସ୍ତିରେ ଜଣେ ବ୍ୟକ୍ତିଙ୍କ ଏପରି ସନ୍ଦେହଜନକ ମୃତ୍ୟୁକୁ ନେଇ ଚର୍ଚ୍ଚା ଚାଲିଛି। ମଙ୍ଗଳବାର ମୃତଦେହକୁ ସ୍ତ୍ରୀ ସ୍ୱର୍ଗରଥରେ ନେଇଯାଉଥିବାବେଳେ ସ୍ଥାନୀୟ ଲୋକଙ୍କଂଠାରୁ ଖବର ପାଇ ପୋଲିସ ତାହାକୁ ଜବତ କରିଛି। ମୃତକ ହେଲେ ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ପଣସପାର ଗ୍ରାମର ଶ୍ୟାମା ମୁଣ୍ଡାରି (୫୦)। ଅତିରିକ୍ତ ଥାନା ଅଧିକାରୀ ଅଶ୍ୱିନୀ କୁମାର ଜେନା ଓ ଜୋନ୍-୬ ଏସିପି ପ୍ରକାଶ ଚନ୍ଦ୍ର ପାଲ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିବାବେଳେ ସାଇଣ୍ଟିଫିକ୍ ଟିମ୍ ଯାଞ୍ଚ ସହ ନମୁନା ସଂଗ୍ରହ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଯାଇଛି। ଅପରପକ୍ଷରେ ଶ୍ୟାମାଙ୍କୁ ତାଙ୍କ ସ୍ତ୍ରୀ ପିଟିପିଟି ହତ୍ୟା କରିଥିବା ମୃତକଙ୍କ ସାନ ଭାଇ ସଂଗ୍ରାମ ମୁଣ୍ଡାରୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା(ନଂ.୪୦୫/୨୧) ରୁଜୁ କରିବା ସହ ମୃତକଙ୍କ ସ୍ତ୍ରୀ ଝିଙ୍କି ମୁଣ୍ଡାରି(୬୦)ଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏନେଇ ଜୋନ୍ ଏସିପି ପ୍ରକାଶ ଚନ୍ଦ୍ର ପାଲ୍ କହିଛନ୍ତି, ମୃତଦେହରେ କୌଣସି କ୍ଷତ ଚିହ୍ନ ନାହିଁ। ଠେଲାପେଲାରେ ଶ୍ୟାମା ପଡ଼ିଯାଇଥିବା ଓ ହୃଦ୍‌ଘାତ କିମ୍ବା ନିଶା ସେବନ ଦ୍ୱାରା ତାଙ୍କର ମୃତ୍ୟୁ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଛନ୍ତି।

ସ୍ଥାନୀୟ ଲୋକଙ୍କ ସୂଚନାନୁସାରେ, ପ୍ରଥମ ସ୍ୱାମୀଙ୍କ ମୃତ୍ୟୁ ପରେ ଝିଙ୍କିଗାଁରୁ ଭୁବନେଶ୍ୱର ଚାଲିଆସି ନିଜ ଦିଅର ଶ୍ୟାମାଙ୍କୁ ବିବାହ କରି ମୁଣ୍ଡା ବସ୍ତିରେ ରହୁଥିଲେ। ଉଭୟେ ଏଠାରେ ରହି ବିଏମ୍‌ସିର ଠିକା କର୍ମଚାରୀ ଭାବେ କାମ କରୁଥିଲେ। ଅନେକ ସମୟରେ ଉଭୟେ ନିଶାଦ୍ରବ୍ୟ ସେବନ କରି ମାରପିଟ୍ ଲାଗନ୍ତି। ରବିବାର ରାତିରେ ନିଶା ସେବନ କରି ଝିଙ୍କି ଓ ଶ୍ୟାମା ଝଗଡା ଲାଗିଥିଲେ। ଏହି ସମୟରେ ଶ୍ୟାମା ତଳେ ପଡିଯାଇଥିଲେ। ଶ୍ୟାମାଙ୍କୁ ବସ୍ତିର ୩ ଜଣ ଲୋକ ଖଟରେ ଶୋଇଦେଇ ଚାଲିଯାଇଥିଲେ। ସେହି ସମୟରେ ଶ୍ୟାମାଙ୍କର ମୃତ୍ୟୁ ହୋଇଥାଇପାରେ। ଝିଙ୍କି ଜାଣିବା ପରେ ଭୟରେ ପୋଲିସକୁ ନ ଜଣାଇ ମୟୂରଭଞ୍ଜରେ ରହୁଥିବା ତାଙ୍କ ଜ୍ୱାଇଁଙ୍କୁ ଖବର ଦେଇଥିଲେ। ସେ ଆସିବା ପରେ ଶବବୁହା ଗାଡ଼ି ସ୍ୱର୍ଗରଥରେ ନେଇଯାଉଥିବାବେଳେ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ।



ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପ ପାଇଁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ୭୫ ମିଟର ପରିଧିରେ ଥିବା କୋଠାଗୁଡ଼ିକୁ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଉଛି।

## ସଂକ୍ଷେପରେ

### ପଥର ଖସିପଡ଼ି ରାଜମିସ୍ତ୍ରିଙ୍କ ମୃତ୍ୟୁ

**ଜଟଣୀ,୨୧।୯(ଡି.ଏନ୍.ଏ.):** ପଥର ଖସିପଡ଼ିବାରୁ ମଙ୍ଗଳବାର ଜଣେ ରାଜମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଟଣୀ ବ୍ଲକ ଅରଗୁଳ ବରବରା ଅଞ୍ଚଳର ମହେଶ୍ୱର ମହାରଣା। ସୂଚନା ମୁତାବକ, ମହେଶ୍ୱର ଅରଗୁଳ ବଜାରସ୍ଥିତ ବରୁଣେଇ ମନ୍ଦିରର କାମ କରୁଥିବା ବେଳେ ତାଙ୍କ ଉପରେ ଏକ ପଥର ପଡ଼ିଯାଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମେଡିକାଲ ପକ୍ଷରୁ ଜଟଣୀ ପୋଲିସକୁ ଖବର ଦିଆଯାଇଥିବା ଜଣାପଡ଼ିଛି।

### ସଙ୍ଗୀତ କ୍ଷେତ୍ରରେ ଦେବ ଦାସଙ୍କ ଅବଦାନ ଅବିସ୍ମରଣୀୟ

**ଭୁବନେଶ୍ୱର, ୨୧।୯ (ବ୍ୟୁରୋ):** ରାଜଧାନୀର ସାଂସ୍କୃତିକ କ୍ଷେତ୍ରକୁ ସମୃଦ୍ଧ କରିବାରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ଦେବ ଦାସଙ୍କ ଅବଦାନ ଅବିସ୍ମରଣୀୟ। ତାଙ୍କର ଅକାଳ ବିୟୋଗରେ ସଙ୍ଗୀତ କ୍ଷେତ୍ରରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି। ମଙ୍ଗଳବାର ବୁଦ୍ଧବିହାର ପରିସରରେ ସାଂସ୍କୃତିକ ଅନୁଷ୍ଠାନ ସଂସ୍କୃତି ଓ ସଂସ୍କୃତି, ମ୍ୟୁଜିକ ସିଜ୍‌ଲର୍ସ ଓ ଉପାସନା ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ସୂଚନା କମିଶନର ଦିଲୀପ ବିଶୋଇ, ବରିଷ୍ଠ ଖବରଦାତା ପ୍ରଦୋଷ ପଟ୍ଟନାୟକ, ଦିଲୀପ ହାଲି, ଲକ୍ଷ୍ମୀକାନ୍ତ ପାଲିତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଦେବ ଦାସଙ୍କ ସ୍ମୃତିଚାରଣ କରିଥିଲେ। ଦେବ ଦାସ ଜଣେ ସଙ୍ଗୀତ ପ୍ରତି ଉତ୍ସର୍ଗୀକୃତ ମଣିଷ ଥିଲେ। ରାଜଧାନୀ ଭୁବନେଶ୍ୱରରେ ପ୍ରଥମେ ଯେଉଁ କେତେଜଣ ସଙ୍ଗୀତପ୍ରେମୀ ଓ କଣ୍ଠଶିଳ୍ପୀଙ୍କୁ ନେଇ ଅର୍କେଷ୍ଟ୍ରା ଗଠନ ହୋଇଥିଲା, ସେମାନଙ୍କ ମଧ୍ୟରେ ଦେବ ଦାସ ଥିଲେ ପ୍ରମୁଖ। ସଦାସର୍ବଦା ଅନ୍ୟକୁ ଭଲ ପାଇବା ଓ ଗରିବଙ୍କ ପ୍ରତି ସହାୟତାର ହାତ ବଢାଉଥିବା ମଣିଷ ସେ ଥିଲେ। ଦେବ ଦାସ ସର୍ବଦା ସମସ୍ତଙ୍କ ହୃଦୟରେ ସେମିତି ବଞ୍ଚି ରହିବେ ବୋଲି ଅତିଥିମାନେ କହିଥିଲେ। କମଲ କିରନ, ଗୁଲ୍‌ଶନ ଓ ଡ. ଜେନାମଣି ସଞ୍ଜୀବ କୁମାରଙ୍କ ସଂଯୋଜନାରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ କଣ୍ଠଶିଳ୍ପୀ ଆଦ୍ୟାଶା ଦାସ, ଲୋଭା ବିଶ୍ୱାଳ, ଅବନୀକାନ୍ତ ଦାସ, ପ୍ରଯୋଜକ ଲୁଟୁ ମହାନ୍ତି, ସଂସ୍କୃତି ଓ ସଂସ୍କୃତିର ଉପ ସଭାପତି ରବି ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

### ଓଡ଼ିଶା ବନସେବା ପରୀକ୍ଷାରେ ଶୁଭାଶିଷ ଉତ୍ତୀର୍ଣ୍ଣ

**ନିରାକାରପୁର,୨୧।୯(ଡି.ଏନ୍.ଏ.):** ଓଡ଼ିଶା ସାଧାରଣ ପ୍ରଶାସନ ସେବା ଦ୍ୱାରା ପରିଚାଳିତ ଓଡ଼ିଶା ବନ ସେବା ପରୀକ୍ଷା-୨୦୧୯ର ଫଳ ପ୍ରକାଶ ପାଇଛି। ଏଥିରେ ଖୋର୍ଦ୍ଧା ଜିଲା ନିରାକାରପୁର ରାଉଳହଜର ଶୁଭାଶିଷ କୁଳଭୂଷଣ ପାହାଡ଼ସିଂହ ଉତ୍ତୀର୍ଣ୍ଣ ହୋଇଛନ୍ତି। ରାଜ୍ୟ ଜଙ୍ଗଲ, ପରିବେଶ ଓ ପାଣିପାଗ ବିଭାଗର ଏସିଏଫ ଓ (ଗ୍ରୁପ-ଏ (ଜେବି) ଓ ଫରେଷ୍ଟ ରେଞ୍ଜର ଗ୍ରୁପ-ବି ପଦବୀରେ ୬୭ଜଣ ଯୋଗଦେବାକୁ ଥିବାବେଳେ ଶୁଭାଶିଷ ଏହି ସେବା କରିବାର ସୁଯୋଗ ପାଇବେ। ସେ ବର୍ତ୍ତମାନ ପଞ୍ଜାବର କପୁରଥାଲା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ଉପ ପ୍ରବନ୍ଧକଭାବେ କାର୍ଯ୍ୟରତ ଥିବା ବେଳେ ଭୁବନେଶ୍ୱର ଓୟୁଏଟିର ବନ ମହାବିଦ୍ୟାଳୟରୁ ୨୦୧୮ରେ ଉତ୍ତୀର୍ଣ୍ଣ ହୋଇଥିଲେ। ତାଙ୍କର ଏହି ସଫଳତାରେ ନିରାକାରପୁର ଅଞ୍ଚଳରେ ଖୁସିର ମାହଲ ଖେଳିଯାଇଛି।

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ଗୋପ,୨୧।୯(ଡି.ଏନ୍.ଏ):** ଗୋପ ଥାନା ଅଧୀନ ବଡ଼ତରା ଗ୍ରାମରେ ଏକ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଏହି ଗ୍ରାମର ରାଜକିଶୋର ପ୍ରଧାନ (୭୧)। ସୂଚନାଯୋଗ୍ୟ, ରାଜକିଶୋର ଅପରାହ୍ଣରେ ଶୌଚ ହେବା ଲାଗି ନିଜ ଘର ବାଡ଼ିପଟେ ଥିବା ଏକ ପୋଖରୀକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ତେବେ ପୋଖରୀ ନିକଟକୁ ଯାଇଥିବାବେଳେ ତାଙ୍କ ଜୋତା, ଧୋତି ଥିବାବେଳେ ରାଜକିଶୋର ପୋଖରୀରେ ଭାସୁଥିବା ଦେଖିଥିଲେ। ତୁରନ୍ତ ତାଙ୍କୁ ପୋଖରୀରୁ ଉଦ୍ଧାର କରିବା ସହ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଗୋପ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ରାଜକିଶୋରଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାବେଳେ ତାଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।



ପିତୃପକ୍ଷର ପ୍ରଥମ ଦିନରେ ମଙ୍ଗଳବାର ଶ୍ରଦ୍ଧାଳୁମାନେ ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରୁଛନ୍ତି।

# ରେଲୱେ କର୍ମଚାରୀଙ୍କୁ ଛୁରାମାଡ଼

**ଜଟଣୀ,୨୧।୯(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରେତଙ୍ଗ କଲୋନୀସ୍ଥିତ ମାତୃଭବନ ଛକଠାରେ ମଙ୍ଗଳବାର ଦୁଇ ଜଣ ଯୁବକଙ୍କ ଛୁରାମାଡ଼ରେ ଜଣେ ରେଲୱେ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଏସ୍.କେ.ଅବଦୁଲ କାୟାମ। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସ୍ଥାନୀୟ ଚିନ୍ତାମଣି ନଗରରେ ରହୁଥିବା ରେଲକର୍ମଚାରୀ ଅବଦୁଲ କାୟାମ ଟ୍ରେନ ଗାର୍ଡ ଭାବେ କାର୍ଯ୍ୟ କରନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଡ୍ୟୁଟି ସାରି ବାଇକ୍‌ରେ ଘରକୁ ଫେରୁଥିବା ବେଳେ ହଠାତ୍ ଦୁଇ ଜଣ ଯୁବକ ଅନ୍ୟ ଏକ ବାଇକରେ ଆସି ତାଙ୍କ ଗାଡିକୁ ଧକ୍କା ଦେଇଥିଲେ। ଫଳରେ ସେ ତଳେ ପଡ଼ିଯିବାରୁ ଯୁବକଦ୍ୱୟ ତାଙ୍କୁ ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଲୱେ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ପ୍ରଚାରିତ ହେବା ପରେ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ବହୁ ନେତା ଏବଂ କର୍ମୀ ମେଡିକାଲରେ ପହଞ୍ଚିବା ସହ ଘଟଣାକୁ ନିନ୍ଦା କରିଛନ୍ତି। ଅନ୍ୟପଟେ ଖବରପାଇ ଜଟଣୀ ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ବିନ୍ଦୁସାଗର, ପାଦଗୟା କୁଣ୍ଡରେ ଅପରପକ୍ଷ ଶ୍ରାଦ୍ଧ ଆରମ୍ଭ

**ପୁରୁଣା ଭୁବନେଶ୍ୱର,୨୧।୯(ଡି.ଏନ୍.ଏ.)**

ଏକାମ୍ର କ୍ଷେତ୍ରର ପବିତ୍ର ବିନ୍ଦୁସାଗର ଓ ସୁକ୍ଷ୍ମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରହିଥିବା ପାଦଗୟା କୁଣ୍ଡରେ ମଙ୍ଗଳବାର ଠାରୁ ଅପରପକ୍ଷ ଶ୍ରାଦ୍ଧ ଆରମ୍ଭ ହୋଇଛି। ଆସନ୍ତା ୧୫ଦିନ ପର୍ଯ୍ୟନ୍ତ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବେ ଶ୍ରଦ୍ଧାଳୁ। ପ୍ରଥମ ଦିନରେ ବାଲକାଟୀ, ପିପିଲି, ଭୂଷଣ୍ଡପୁର, ନଖରା, ଜଟଣୀ ଆଦି ଅଞ୍ଚଳର ଶ୍ରଦ୍ଧାଳୁମାନେ ଏଠାରେ ପିଣ୍ଡଦାନ କରିଥିବା ଦେଖିବାକୁ ମିଳିଛି। ୪୦ରୁ ଊର୍ଦ୍ଧ୍ୱ ବ୍ରାହ୍ମଣ ଏହି କାର୍ଯ୍ୟ ସମ୍ପାଦନ କରିଥିଲେ। ଅନ୍ୟପଟେ ପାଦଗୟା କୁଣ୍ଡ ଏକପ୍ରକାର ପରିତ୍ୟକ୍ତ ହୋଇପଡ଼ିଛି। ଫଳରେ ଏଠାକୁ ପିଣ୍ଡଦାନ କରିବାକୁ ଆସିଥିବା କେତେକ ଶ୍ରଦ୍ଧାଳୁ ଫେରିଯାଇ ବିନ୍ଦୁ ସାଗରରେ ପିଣ୍ଡ ଦାନ କରିଥିଲେ। ତେବେ ପାଦଗୟା କୁଣ୍ଡର ପୁନରୁଦ୍ଧାର ପାଇଁ ଶ୍ରୀରାମ ନଗର, ସାମନ୍ତରାପୁର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନି ବୋଲି ମଞ୍ଚର ହଳଧର ମଲିଆ କହିଛନ୍ତି। ତୁରନ୍ତ ଏହି କୁଣ୍ଡର ପୁନରୁଦ୍ଧାର ପାଇଁ ସାଧାରଣରେ ଦାବି ହେଉଛି।

# ‘ଗୁରୁଜୀ’ଙ୍କ ବିରୋଧରେ ବଢୁଛି ଅଭିଯୋଗ

**ଖୋର୍ଦ୍ଧା ଅଫିସ,୨୧।୯**

**ଜୀବନରୁ ମାରିଦେବାକୁ କରୁଛନ୍ତି ଷଡ଼ଯନ୍ତ୍ର**

ମାନବବାଦ ସଙ୍ଗଠନର ମୁଖ୍ୟ ତଥା ଆତ୍ମଘୋଷିତ ଗୁରୁଜୀ ମାନସ ଦାସ ଓ ତାଙ୍କ ପୁଅ ମନୋରଞ୍ଜନ ଏବେ ଖୋର୍ଦ୍ଧା ସବ୍‌ଜେଲରେ ରହିଛନ୍ତି। ତେବେ ମାନସ ଗିରଫ ହେବା ପରେ ତାଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଲମ୍ବିବାରେ ଲାଗିଛି। ମାନସଙ୍କ ଇଙ୍ଗିତରେ ମାନବବାଦ ସଙ୍ଗଠନର କର୍ମକର୍ତ୍ତାମାନେ ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି ବୋଲି ନୀଳମାଧବ ଆଦିବାସୀ ସଂଘର ଆବାହକ ବେଲେଶ୍ୱର ପରିଡା ଇ-ମେଲ ମାଧ୍ୟମରେ ବେଗୁନିଆ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ଜେଲରେ ରହି ମାନସ ଓ ତାଙ୍କ ପୁଅ ଗୋଟି ଚାଲାଣ କରୁଛନ୍ତି। ମାନସଙ୍କ ଇସାରାରେ ସଙ୍ଗଠନର କେତେଜଣ କର୍ମକର୍ତ୍ତା ମୋ ଉପରେ ନଜର ରଖିଛନ୍ତି। ମୋତେ ଜୀବନରେ ମାରିଦେବାକୁ ଷଡ଼ଯନ୍ତ୍ର କରୁଛନ୍ତି। ସଙ୍ଗଠନର ୧୦ରୁ ୧୨ଜଣ ତାଙ୍କୁ ଧମକ ଦେଉଛନ୍ତି। ମୋ ଜୀବନ ପ୍ରତି ବିପଦ ରହିଛି ବୋଲି ନୀଳମାଧବ ଆଦିବାସୀ ସଂଘର ଆବାହକ ପରିଡ଼ା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ଅଗଷ୍ଟ ୨ରେ ଅଭିମାନପୁର ଗ୍ରାମର ସତ୍ୟବ୍ରତ ନାୟକଙ୍କୁ ମାନବବାଦ ସଙ୍ଗଠନ ମୁଖ୍ୟ ମାନସ ଦାସଙ୍କ ଇଙ୍ଗିତରେ କରଡ଼ଗାଡ଼ିଆରେ ପିଟି ହତ୍ୟା କରାଯାଇଥିବା ତାଙ୍କ ପୁତୁରା ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୪୯/୨୧) ରୁଜୁ କରିବା ସହ ୬ଜଣଙ୍କୁ ଗିରଫ କରିଥିଲା। ଏହି ହତ୍ୟାକାଣ୍ଡରେ ମାନସଙ୍କ ପରୋକ୍ଷ ଭାବେ ସମ୍ପୃକ୍ତି ଥିବା ଦର୍ଶାଇ ଖୋର୍ଦ୍ଧା ପୋଲିସ ଗତ ସେପ୍ଟେମ୍ବର ୨ରେ ତାଙ୍କୁ ଶହୀଦନଗର ବାସଭବନରୁ ଗିରଫ କରିଥିଲା। ସେହିପରି କଡ଼ବର ମାଗୁଣି ନାୟକ ଓ ତାଙ୍କ ପୁଅ ଆନନ୍ଦଙ୍କୁ ବନ୍ଦ କୋଠରିରେ ନିସ୍ତୁକ ମାଡ଼ ମାରିବା ମାମଲାରେ ପୋଲିସ ମାନସଙ୍କ ପୁଅ ମନୋରଞ୍ଜନଙ୍କୁ ଗିରଫ କରିଥିଲା। ମାନବବାଦ ସଙ୍ଗଠନ ବିରୋଧରେ ସତ୍ୟବ୍ରତଙ୍କ ଶାଳକ ବେଲେଶ୍ୱର ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ସଙ୍ଗଠନ ଆଳରେ ମାନସ ଆଦିବାସୀ ସଂସ୍କୃତିକୁ ନଷ୍ଟ କରିବା ସହ ସମାଜରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ବୋଲି ଅଭିଯୋଗ କରିଥିଲେ।

## କାର୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

**ବୋଲଗଡ଼,୨୧।୯(ଡି.ଏନ୍.ଏ.)**

ବୋଲଗଡ଼ ଥାନା ଅନ୍ତର୍ଗତ ବୃଡ଼ା ଗ୍ରାମ ନିକଟ ବଲାଙ୍ଗିର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥରେ ମଙ୍ଗଳବାର କାର୍ ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ସ୍ଥାନୀୟ ଡାବରଧୁଆ ଗ୍ରାମର ଉପେନ୍ଦ୍ର ସୁବୁଦ୍ଧି ଓରଫ ହାଲୁ। ଚିକିତ୍ସା ପାଇଁ ତାଙ୍କୁ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଉପେନ୍ଦ୍ର ସକାଳ ୯ଟାରେ କୌଣସି କାମରେ ବାଇକ ଚଳାଇ ରାସ୍ତା ଉପରକୁ ଉଠୁଥିବା ବେଳେ ଖୋର୍ଦ୍ଧା ପଟୁ ଆସୁଥିବା ଏକ କାର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲା। ଏହି ସମୟରେ ଫେରୁଥିବା ଏକ ଆମ୍ବୁଲାନ୍ସରେ ସ୍ଥାନୀୟ ଲୋକେ ଉପେନ୍ଦ୍ରଙ୍କୁ ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଓ କାର୍ ଜବତ କରିବା ସହ ତଦନ୍ତ ଚଳାଇଛି।

# ରାସ୍ତାରେ ମଇଳାପାଣି, ଲୋକେ ହଇରାଣ



ରାସ୍ତାରେ ଜମି ରହିଥିବା ମଇଳାପାଣି।

**ବୋଲଗଡ଼,୨୧।୯(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ପିଟୁକୁଳି ଗ୍ରାମ ବ୍ରାହ୍ମଣ ସାହି ରାସ୍ତାରେ ମଇଳା ପାଣି ଜମି ରହୁଥିବାରୁ ଲୋକେ ଯାତାୟାତ କରିବାରେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ପ୍ରାୟ ୧୦ବର୍ଷ ପୂର୍ବେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ବ୍ରାହ୍ମଣ ସାହି ରାସ୍ତାରେ ଏକ ନଳକୂପ ବସାଯାଇଥିଲା। ଏଥିସହ ନିକଟରେ ସିମେଣ୍ଟ ନନ୍ଦର କୁଣ୍ଡ (ସୋକପିଟ୍) କରାଯାଇଥିଲା, ଯେଉଁଥିରେ କି ବ୍ୟବହାର ପରେ ମଇଳା ପାଣି ସେଥିରେ ଜମା ହେଉଥିଲା। ତେବେ ଏହି କୁଣ୍ଡ ପୋତି ହୋଇଯିବା ଫଳରେ ରାସ୍ତାରେ ମଇଳା ପାଣି ଜମି ରହୁଛି। ଫଳରେ ଉକ୍ତ ସ୍ଥାନରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ବର୍ଷାଦିନେ ସାହିର ପାଣି ଏହି ରାସ୍ତାରେ ଯାଉଥିବା ବେଳେ ଏଠାରେ ମଇଳା, ଆବର୍ଜନା ଜମି ରହୁଥିବାରୁ ପାଣି ନିଷ୍କାସନରେ ବାଧକ ସାଜିଛି। ଅନ୍ୟପଟେ ମଶା, ମାଛିଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଓ ବିଧାୟକ ରାଜେନ୍ଦ୍ର ସାହୁଙ୍କୁ ଏହି ସମସ୍ୟା ସମ୍ପର୍କରେ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିଲା ନାହିଁ ବୋଲି ସାହିବାସିନ୍ଦା ସଚ୍ଚିକାନ୍ତ ରଥ, ନେପାଳ କର, ବାପୁ ରାୟଗୁରୁ, ଟୁଙ୍ଗୁରି ବାହିନୀପତି ପ୍ରମୁଖ କହିଛନ୍ତି। ବ୍ଲକ ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ସହ ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଅନ୍ୟପକ୍ଷେ ଏ ସମ୍ପର୍କରେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗିନାଥ ସାହୁ କହିଛନ୍ତି, ଏନେଇ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କ ସହ ଆଲୋଚନା କରାଯାଇ ଖୁବଶୀଘ୍ର ଜଳ ନିଷ୍କାସନ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# ପ୍ରସ୍ତାବିତ ମଦ ଦୋକାନକୁ ଗ୍ରାମବାସୀଙ୍କ ବିରୋଧ

**ବାରଙ୍ଗ,୨୧।୯(ଡି.ଏନ୍.ଏ.)**

ବାରଙ୍ଗସ୍ଥିତ ଅରିଲୋ ମୌଜାର ପ୍ଲଟନଂ. ୫୯ରେ ଏକ ବିଦେଶୀ ମଦ ଦୋକାନ ହେବାକୁ ଯାଉଛି। କଟକ ମ୍ୟୁନିସିପାଲଟିର ୩ନଂ. ୱାର୍ଡ ବ୍ରଜବିହାରୀପୁରଠାରେ ହେବାକୁଥିବା ବିଦେଶୀ ମଦଦୋକାନକୁ ଏଠାକୁ ସ୍ଥାନାନ୍ତର କରାଯିବ। ଏହି ଖବର ଜଣାପଡିବା ପରେ ନରାଜ ମାର୍ଥାପୁର ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ଆଗରୁ ଏଠାରେ ଏକ ବିଦେଶୀ ମଦଦୋକାନ ଥିଲା। ତାକୁ ସ୍ଥାନାନ୍ତର କରିବା ପାଇଁ ଗ୍ରାମବାସୀ ବିରୋଧ କରିଥିଲେ। ଏବେ ପ୍ରଶାସନ ପକ୍ଷରୁ ଆଉ ଏକ ମଦ ଦୋକାନର ପ୍ରସ୍ତାବ ନିଷ୍ପତ୍ତିକୁ ଏକ ଅଭିଶାପ ଭଳି ମନେ କରୁଛନ୍ତି ଗ୍ରାମବାସୀ। କଟକ ମ୍ୟୁନିସିପାଲଟିର ୩ନଂ ୱାର୍ଡ ବ୍ରଜବିହାରୀପୁରରେ ହେବାକୁଥିବା ବିଦେଶୀ ମଦଦୋକାନ ଅରିଲୋ ମୌଜାର ପ୍ଲଟନଂ. ୫୯କୁ ସ୍ଥାନାନ୍ତର କରାଯାଉଛି। ଏହି ପ୍ଲଟଟି ମହିମା ଆଶ୍ରମ ବ୍ରହ୍ମଅବଧୁତ ଗୁରୁଚରଣ ଦାଶଙ୍କ ନାମରେ ରହିଛି। ମାଲିକାନା ସତ୍ତ୍ୱକୁ ନେଇ ବିବାଦ ଏବେ ବି କୋର୍ଟରେ ବିଚାରଧୀନ ରହିଛି। ହେବାକୁ ଥିବା ଏହି ମଦଦୋକାନଠାରୁ ୪ଶହ ମିଟରରେ ନରାଜ ସିଦ୍ଧେଶ୍ୱର ବିଦ୍ୟାମନ୍ଦିର, ୩ଶହ ମିଟର ଦୂରରେ ଫାୟାର ଟ୍ରେନିଂସେଣ୍ଟର ରହିଛି। ଏପରି ସମ୍ବେଦନଶୀଳ ସ୍ଥାନରେ ମଦଦୋକାନ ହେଲେ ପରିବେଶ ପ୍ରଭାବିତ ହେବ ବୋଲି ଗ୍ରାମବାସୀ କହିଛନ୍ତି।

# ‘ଧାର୍ଯ୍ୟ ସମୟରେ ଦୈନନ୍ଦିନ ନୀତି ଶେଷ କର’

**ଭୋର୍ ୪ଟା ୩୦ରେ ଶ୍ରୀମନ୍ଦିର ଦ୍ୱାର ଫିଟା, ରାତି ୧୧ଟା ୩୦ରେ ପହୁଡ଼**

**ପୁରୀ ଅଫିସ,୨୧।୯**

ଶ୍ରୀମନ୍ଦିର ଦୈନନ୍ଦିନ ନୀତିକାନ୍ତିକୁ ଶୃଙ୍ଖଳିତ ଓ ସମୟାନୁବର୍ତ୍ତୀ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୀତିକାନ୍ତିରେ ହେଉଥିବା ବିଳମ୍ବ ପ୍ରତି ଧ୍ୟାନ ଦେବା ପାଇଁ ପ୍ରମୁଖ ୧୫ ସେବାୟତ ନିଯୋଗକୁ କୁହାଯାଇଛି। ସାଧାରଣତଃ ରାତ୍ର ପହୁଡରେ ବିଳମ୍ବ ହେଉଥିବାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ କିଭଳି ଭାବେ ରାତ୍ର ପହୁଡ଼ ଶେଷ ହେବ ସେନେଇ ଧ୍ୟାନ ଦିଆଯିବ। ମୁଖ୍ୟତଃ ଭୋର ୪ଟା ୩୦ରେ ଶ୍ରୀମନ୍ଦିର ଦ୍ୱାରଫିଟା ନୀତି ହେବ ଓ ରାତି ୧୧ଟା ୩୦ ସୁଦ୍ଧା ପହୁଡ଼ ହେବ ବୋଲି ସେବାୟତମାନଙ୍କୁ କୁହାଯାଇଛି। ସେହିଭଳି ନୀତିକାନ୍ତି ସମୟରେ ଶୃଙ୍ଖଳା ରକ୍ଷା କରିବା ଉପରେ ପ୍ରଶାସନ ଧ୍ୟାନ ଦେବାକୁ ବୈଠକରେ ମତ ପ୍ରକାଶ ପାଇଛି। ଦୈନନ୍ଦିନ ନୀତିକାନ୍ତି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ସେବାୟତ ଓ ପରିଚାଳନା କମିଟି ସହ ଆଲୋଚନା ହୋଇଛି। ୨୦୧୮ ଦୈନିକ ନୀତିକାନ୍ତି ନେଇ ନିର୍ଦ୍ଧାରିତ ସମୟସାରଣୀ ଏବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ନୀତିକାନ୍ତି ପ୍ରାୟ ୧ ଘଣ୍ଟା ବିଳମ୍ବ ଘଟୁଛି। ଏଣୁ ପୁଣି ନୀତିକାନ୍ତି ଧାର୍ଯ୍ୟ ସମୟାନୁଯାୟୀ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ କିଛି ଦିନ ସମୟ ଲାଗିବ ଓ ସମସ୍ତ ପାଳିଆଙ୍କୁ ଏନେଇ ସୂଚନା ଦିଆଯିବ ବୋଲି ସ୍ଥିର ହୋଇଛି। ବୈଠକରେ ଶ୍ରୀମନ୍ଦିର ନୀତି ପ୍ରଶାସକ, ସୁରକ୍ଷା ପ୍ରଶାସକ, ନିଯୋଗର ସଦସ୍ୟ ଓ ପରିଚାଳନା କମିଟି ସଦସ୍ୟଉପସ୍ଥିତ ଥିଲେ।



# ନିମ୍ନମାନର କାମ: ରାସ୍ତାରେ ଖାଲଖମା

**ଖୋର୍ଦ୍ଧା ଅଫିସ,୨୧।୯**



**ନୂଆ ବସ୍‌ଷ୍ଟାଣ୍ଡ-ଚଣ୍ଡିଚୁଆ ଛକ ରାସ୍ତା**

ସରକାର ଗମନାଗମନ ସୁବିଧା ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏବେ ବି ଅନେକ ରାସ୍ତା ଭଲ ନ ଥିବାରୁ ଲୋକେ ଯାତାୟାତରେ ହଇରାଣ ହେଉଛନ୍ତି। କେଉଁଠି ଠିକାଦାରଙ୍କ ମନମାନି ତ'ଆଉ କେଉଁଠି ବିଭାଗୀୟ ଅଧିକାରୀଙ୍କ ପରିଚାଳନାରେ ତ୍ରୁଟି ଯୋଗୁ ଅନେକ ପ୍ରକଳ୍ପ ବ୍ୟର୍ଥ ଯାଉଛି। ଖୋର୍ଦ୍ଧା ନୂଆବସଷ୍ଟାଣ୍ଡ ଠାରୁ ଚଣ୍ଡିଚୁଆ ଛକ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ଅସରାଏ ବର୍ଷା ହେଲେ ରାସ୍ତାରେ ହୋଇଥିବା ଖାଲଖମାରେ ପାଣି ଭର୍ତ୍ତି ହୋଇଯିବାରୁ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ସୂଚନାଥାଉ କି, ଏହି ରାସ୍ତା ଖୋର୍ଦ୍ଧା-ନୟାଗଡ଼ ୫୭ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଛି। ରାସ୍ତାରେ ଦିନକୁ ଶହ ଶହ ଘରୋଇ ବସ, ମାଲବାହୀ ଟ୍ରକ, ସ୍କୁଲ, କଲେଜ ବିଦ୍ୟାର୍ଥୀ ଏବଂ ଆମ୍ବୁଲାନ୍ସ ଯାତାୟାତ କରୁଛନ୍ତି। ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ନୂଆବସଷ୍ଟାଣ୍ଡଠାରୁ ଚଣ୍ଡିଚୁଆ ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଇଛି। ତେବେ ନିମ୍ନମାନର କାର୍ଯ୍ୟ ଯୋଗୁ କିଛି ମାସ ପରେ ଏହା ରାସ୍ତା ଉଭୟ ପାର୍ଶ୍ୱରେ ଗର୍ତ୍ତ ସୃଷ୍ଟି ହୋଇ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ଏନେଇ ଯୁବ କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଥିଲା। ପରବର୍ତ୍ତୀ ସମୟରେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱରେ ସୃଷ୍ଟି ହୋଇଥିବା ଗର୍ତ୍ତରେ ଗୋଡି, ପଥର ପକାଇ ପ୍ୟାଚ କରାଯାଇଥିଲା। ପୁଣି ଏହି ରାସ୍ତାରୁ ପିଚୁ ଉଠି ମରଣଯନ୍ତା ପାଲଟିଛି। ନିମ୍ନମାନର କାମ ସହ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଟିଏଲସି ରୋଡରେ ସୃଷ୍ଟି ହୋଇଥିବା ଗର୍ତ୍ତରେ ପାଣି ଜମିବା ଫଳରେ ଲୋକେ ଯାତାୟାତରେ ହଇରାଣ ହେଉଛନ୍ତି। ସେହିପରି ମେଡିକାଲକୁ ଯିବା ରାସ୍ତାର ଉଭୟ ପାର୍ଶ୍ୱ ଖାଲଖମାରେ ପରିଣତ ହୋଇଛି। ପାଣି ଜମି ଦୁର୍ଘଟଣା ଘଟିବା ପରେ ବିଭାଗ ପକ୍ଷରୁ ଗୋଡ଼ି, ମୋରମ ପକାଯାଇ ଅସ୍ଥାୟୀଭାବେ ସମସ୍ତ ଗାତକୁ ତରବରିଆ ଭାବେ ବନ୍ଦ କରାଯାଇଛି। ଏନେଇ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ଦିପକ ପାଣିଗ୍ରାହୀ କହିଛନ୍ତି, ବର୍ଷା ଯୋଗୁ ରାସ୍ତା ନିର୍ମାଣରେ ବାଧା ସୃଷ୍ଟି ହୋଇଛି। ଖାଲଖମା ରାସ୍ତାକୁ ଅସ୍ଥାୟୀ ଭାବେ ମରାମତି କରାଯାଇଛି। ବର୍ଷା ଛାଡିବା ପରେ ସମ୍ପୂର୍ଣ୍ଣ ରାସ୍ତା ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଗୋପ,(ଡି.ଏନ୍.ଏ): ଗୋପ ଥାନା ଅଧୀନ ବଡ଼ତରା ଗ୍ରାମରେ ଏକ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଏହି ଗ୍ରାମର ରାଜକିଶୋର ପ୍ରଧାନ (୭୧)। ସୂଚନାଯୋଗ୍ୟ, ରାଜକିଶୋର ଅପରାହ୍ଣରେ ଶୌଚ ହେବା ଲାଗି ନିଜ ଘର ବାଡ଼ିପଟେ ଥିବା ଏକ ପୋଖରୀକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ତେବେ ପୋଖରୀ ନିକଟକୁ ଯାଇଥିବାବେଳେ ତାଙ୍କ ଜୋତା, ଧୋତି ଥିବାବେଳେ ରାଜକିଶୋର ପୋଖରୀରେ ଭାସୁଥିବା ଦେଖିଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜକିଶୋରଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଅଳଗୁମରେ ପ୍ରସିଦ୍ଧ କାଠିଯାତ୍ରା

ସାକ୍ଷୀଗୋପାଳ,୨୧।୯(ଡି.ଏନ୍.ଏ.)- ପୁରୀ ଜିଲା ସତ୍ୟବାଦୀ ବ୍ଳକର ଅଳଗୁମ ଗ୍ରାମରେ ମଙ୍ଗଳବାର ପରମ୍ପରାକ୍ରମେ ମା' ଜାଗୁଲେଇଙ୍କ ପ୍ରସିଦ୍ଧ କାଠିଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଷଷ୍ଠୀ ଓଷାଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରାର ଶେଷ ପର୍ଯ୍ୟାୟରେ ମା' ଜାଗୁଲେଇଙ୍କ ମନ୍ଦିର, ୧୨ପଡା ବିଶିଷ୍ଟ ଅଳଗୁମ ଗ୍ରାମ ସହିତ କାଠି ପଡ଼ିଆରେ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ଦେବୀଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନାକୁ ନେଇ ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମନ୍ଦିରରେ ଦେବୀଙ୍କର ମାଜଣା, ବେଶ, ଧୂପ ସମାପନ କରାଯିବା ପରେ କାଠି ମାଜଣା କରାଯାଇଥିଲା। ମାନସିକଧାରୀ ଶ୍ରଦ୍ଧାଳୁମାନେ ଦେଇଥିବା ଶହଶହ ନୂଆ ଶାଢ଼ି କାଠିରେ ରଜକ ସେବାୟତ କୁଞ୍ଚ କରି ବାନ୍ଧିଥିଲେ। ଦେବୀଙ୍କ ଆଜ୍ଞାମାଳ ଓ ଗୋଟିଏ ପିତଳଗରା କାଠିର ଗୋଟିଏ ମୁଣ୍ଡରେ ଲାଗି କରାଯାଇଥିଲା। ଘଣ୍ଟ, କାହାଳୀ, ଢୋଲ, ମହୁରି ସହ ମା'ଙ୍କର ଜୟଜୟ ଧ୍ୱନି ମଧ୍ୟରେ ସେବାୟତମାନେ କାନ୍ଧରେ କାଠି ବୋହି ମା'ଙ୍କୁ ଲାଗି କରିଥିଲେ। କାଠି ବେଢ଼ା ପରିକ୍ରମା କରିବା ସହ ପଟୁଆରରେ ବାରବାଟୀ ପଡ଼ିଆକୁ ବିଜେ କରିଥିଲେ। ସେଠାରେ କାଠି ପୋତାଯିବା ପରେ ଛୋଟାପୁଅ କାଳିସି ଉଭା ହୋଇ କାଠି ଉପରକୁ ଉଠି ଭବିଷ୍ୟବାଣୀ କରିବା ସହ ଗୁହାରିଆ ପଡିଥିବା ମାନସିକଧାରୀଙ୍କୁ ଆଶୀର୍ବାଦ କରିଥିଲେ। ରାତିରେ ସୁରାଲାଗି ବରଗଛ ନିକଟରେ ଦେବୀଙ୍କର ବିଶ୍ରାମ ସହିତ ବୁଧବାର ଦାନ୍ତକାଠି ମାଜଣା ସୁରାଲାଗି କରାଯିବା ପରେ ରାତିରେ ଟାହିଆ ଲାଗି, ଭୋଗ ଆଳତି ଓ ଘର ବାହୁଡା ନୀତି ଅନୁଷ୍ଠିତ ହେବ। ବିରଜା ଦେଇ ଦେବୀ ପ୍ରତିମାଙ୍କ ମୁହଁ ଆଗାମୀ ବର୍ଷ ପର୍ଯ୍ୟନ୍ତ ବନ୍ଦ କରିଦିଆଯିବ। ଗଣ୍ଡେଇ ନାୟକଙ୍କ ଶଗଡ଼ ଦଣ୍ଡାରେ ବସି କଟକରୁ ଚାଲି ଆସିଥିବା ମା' ଜାଗୁଲେଇ ଅଳଗୁମରେ ପୂଜା ପାଉଛନ୍ତି।

### ଫାର୍ମାକୋ ଭିଜିଲାନ୍ସ ସପ୍ତାହ ପାଳିତ

ପୁରୀ ଅଫିସ, ୨୧।୯: ଗୋପାଳପୁରସ୍ଥିତ ଆଇଏମ୍‌ଟି ଫାର୍ମାସୀ କଲେଜରେ ବିବିଧ କାର୍ଯ୍ୟକ୍ରମ ମାଧ୍ୟମରେ ମଙ୍ଗଳବାର ଜାତୀୟ ଫାର୍ମାକୋ ଭିଜିଲାନ୍ସ ସପ୍ତାହ ପାଳିତ ହୋଇଛି। ଚଳିତ ବର୍ଷର ସ୍ଲୋଗାନ ରହିଛି 'ରୋଗୀ ସୁରକ୍ଷା ଆଗକୁ ପାଦେ'। ଭାରତ ସରକାରଙ୍କ ଅଧୀନ ଫାର୍ମାକୋ ଭିଜିଲାନ୍ସ ଅଫ୍ ଇଣ୍ଡିଆ ଏବଂ ଆଇଏମ୍‌ଟି ଫାର୍ମାସୀ କଲେଜର ଔଷଧ ପାର୍ଶ୍ୱ ପ୍ରତିକ୍ରିୟା ନିରୀକ୍ଷଣ କେନ୍ଦ୍ର ସହଭାଗିତାରେ ଔଷଧ ସେବନ ଓ ତା'ର ପାର୍ଶ୍ୱ ପ୍ରତିକ୍ରିୟା ସମ୍ବନ୍ଧରେ ଛାତ୍ରୀଛାତ୍ର ଏବଂ ଅଧାପିକା ଅଧାପକମାନେ ଗୋପାଳପୁର ଗ୍ରାମକୁ ଯାଇ ଗ୍ରାମବାସୀଙ୍କୁ ସଚେତନ କରିବା ସହ ମାସ୍କ ଓ ଶୁଖିଲା ଖାଦ୍ୟ ବାଣ୍ଟିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରତିଷ୍ଠାତା ଡ. ବିଶ୍ୱନାଥ ରଥ ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ମନୋଜ ରଥ, ଅଧ୍ୟକ୍ଷ ଡ. ଅଗ୍ନିମିତ୍ର ଦିଣ୍ଡା, ଉପାଧ୍ୟକ୍ଷ ଦେବାଶିଷ ରଥ, ଅଧାପକ ସତୀଶ ସିରିପିନି, ଦେବଦତ୍ତ ସାହୁ, ଦେବାଶିଷ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଚୋରି ମୋବାଇଲ ଉଦ୍ଧାର, ଜଣେ ଗିରଫ

କଣାସ,୨୧।୯(ସ୍ୱ.ପ୍ର.)- କଣାସ ଥାନା ଅନ୍ତର୍ଗତ ଗଡ଼ସାନପୁଟ ଗ୍ରାମର ଶର୍ମିଷ୍ଠା ଛୁଆଳସିଂହଙ୍କ ମୋବାଇଲ ୫ ମାସ ତଳେ ରାଣୀପଡା ଗ୍ରାମରୁ ଚୋରିଯାଇଥିବା ବେଳେ କଣାସ ଥାନା ପୋଲିସ ମୋବାଇଲ ଫୋନ୍‌କୁ ଟ୍ରାକ୍ କରି ଧରିଛି। ମୋବାଇଲ ଚୋରି ଅଭିଯୋଗରେ ଗଡସାନପୁଟ ପଞ୍ଚାୟତ ଝାଡକଟା ଗ୍ରାମର ଶ୍ରୀକାନ୍ତ ପଟ୍ଟନାୟକଙ୍କୁ ଗିରଫ କରାଯାଇଛି। ଏ ନେଇ ଏକ ମାମଲା ନଂ ୯୧/୨୧ରେ ରୁଜୁ ହୋଇଛି। ଚୋରି ମୋବାଇଲ ମିଳିବା ପରେ ଶର୍ମିଷ୍ଠାଙ୍କୁ ପୋଲିସ ଫେରାଇଛନ୍ତି। ଶର୍ମିଷ୍ଠା ଏପ୍ରିଲ ୨୪ତାରିଖ ଦିନ ରାଣୀପଡା ବନ୍ଧୁଘରକୁ ବୁଲି ଆସିଥିବା ବେଳେ ସ୍କୁଟିରେ ମୋବାଇଲ ରଖି ଯାଇଥିଲେ। ବନ୍ଧୁଘରୁ ଆସି ଦେଖିବାବେଳକୁ ମୋବାଇଲଟି ନ ଥିଲା।

# ବେପାର ଚିନ୍ତାରେ ଉଠା ବ୍ୟବସାୟୀ

- ଶ୍ରୀମନ୍ଦିର ଐତିହ୍ୟ କରିଡ଼ର ପାଇଁ ଉଚ୍ଛେଦ ଜାରି
- ପରିସରରେ ପାର୍କିଂ, ଉଠା ଦୋକାନ ମନା

ପୁରୀ ଅଫିସ,୨୧।୯


ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ୭୫ ମିଟର ପରିଧିରେ ଥିବା କୋଠାଗୁଡ଼ିକୁ ଉଚ୍ଛେଦ କରାଯାଉଛି।

କିଛିଦିନର ନୀରବତା ପରେ ପ୍ରଶାସନ ପକ୍ଷରୁ ସୋମବାରଠାରୁ ଶ୍ରୀମନ୍ଦିର ଐତିହ୍ୟ କରିଡ଼ର ମଧ୍ୟରେ ଥିବା ନିର୍ମାଣାଧୀନ କୋଠାର ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ସେହିପରି ଶ୍ରୀମନ୍ଦିର ଚାରିପାଖରେ ଗାଡ଼ି ପାର୍କିଂ, ଉଠାଦୋକାନୀଙ୍କୁ ଉଚ୍ଛେଦ କରିବା ପାଇଁ ପ୍ରଶାସନ ତତ୍ପର ହୋଇଉଠିଛି। ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଐତିହ୍ୟ କରିଡର୍ ପାଇଁ ପଦକ୍ଷେପ ଆରମ୍ଭ ହୋଇଛି। ପ୍ରଥମ ପଦକ୍ଷେପ ସ୍ୱରୂପ ଐତିହ୍ୟ କରିଡରରେ କୌଣସି ପ୍ରକାର ଅସ୍ଥାୟୀ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲାଯାଇପାରିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ବାରଣ କରାଯାଇଥିଲା। ହେଲେ ଏବେ କୌଣସି ପ୍ରକାର ଯାନ ସୁରକ୍ଷା କରିଡର୍ ମଧ୍ୟରେ ପାର୍କିଂ କରିପାରିବେ ନାହିଁ ବୋଲି ପୁଣି ନିୟମ ଜାରି ହୋଇଛି। ଐତିହ୍ୟ କରିଡର୍ ନିର୍ମାଣ ପାଇଁ ଏବେ ଇଟା ଖଣ୍ଡିଏ ପଡି ନ ଥିବାବେଳେ ସୁରକ୍ଷା କରିଡର୍ ଆଳରେ ଉଠାବ୍ୟବସାୟୀମାନେ ବେପାର ଓ ପରିବାରକୁ ନେଇ ଚିନ୍ତାରେ ଅଛନ୍ତି। ସେପଟେ ମରିଚିକୋଟ ଛକଠାରୁ କୌଣସି ତିନିଚକିଆ ଓ ଚାରିଚକିଆ ଯାନର ପ୍ରବେଶ ଉପରେ ମଧ୍ୟ ରୋକ୍ ଲଗାଯାଇଛି।

ଏପରିକି ନିଷେଧାଞ୍ଚଳରେ ସ୍ଥାୟୀ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ମଧ୍ୟ ସେମାନଙ୍କ ଦୁଇଚକିଆ ଯାନ ଏମାର ମଠ ପାର୍କିଂରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଣିକି ଉତ୍ତର ଦ୍ୱାରଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ଓ ଗ୍ରାଣ୍ଡ ସେଣ୍ଟରଠାରୁ ଜଗାବଳିଆ ଲଜ୍ ପର୍ଯ୍ୟନ୍ତ ଥିବା ଅଞ୍ଚଳରେ କୌଣସି ପ୍ରକାର ଗାଡି ପାର୍କିଂ ହୋଇପାରିବ ନାହିଁ। କେବଳ ସେତିକି ନୁହେଁ କୌଣସି ଠେଲାଗାଡ଼ି କିମ୍ବା ଉଠାଦୋକାନୀ ରାସ୍ତା ଉପରେ ବସି ବ୍ୟବସାୟ କରିପାରିବେ ନାହିଁ। ଏଭଳି ନିୟମ ଜାରି କରିଛି ପୁରୀ ପୋଲିସ ଓ ପୌରସଂସ୍ଥା। ଏ ନେଇ ପ୍ରଶାସନ ପକ୍ଷରୁ ଏସ୍‌ଓପି ଜାରି କରାଯାଇଛି। ଡାକବାଜି ଯନ୍ତ୍ର ସାହାଯ୍ୟରେ ନୂଆ ଏସ୍‌ଓପି ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇ ନୂଆ ଏସ୍‌ଓପି ଲାଗୁ ହୋଇଛି। ତେବେ କରୋନା ମାଡ଼ ପରେ ଏବେ ପୁରୀ ପ୍ରଶାସନର ନୂଆ ଏସ୍‌ଓପି ଜାରିକୁ ନେଇ ଅତିଷ୍ଠ ହୋଇଛନ୍ତି ଉଠାବ୍ୟବସାୟୀ। ଗତ ଦେଢବର୍ଷ ଧରି କରୋନା କଟକଣା ଯୋଗୁ ଉଠାଦୋକାନୀମାନେ ସେମାନଙ୍କ ବ୍ୟବସାୟ କରିବାରୁ ବଞ୍ଚିତ ଥିଲେ। ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଖୋଲିବା ପରେ ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ବଢ଼ିଛି। ଏବେ ଉଠାଦୋକାନୀ କିମ୍ବା କ୍ଷୁଦ୍ର ବ୍ୟବସାୟୀମାନେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ବସି କିଛି ବ୍ୟବସାୟ ଆରମ୍ଭ କରି ଜୀବିକା ସମ୍ଭାଳୁଥିବାବେଳେ ପ୍ରଶାସନର ନୂଆ ନିୟମ ସେମାନଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ସୁରକ୍ଷା ଜୋନ୍ ଏବଂ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ଦୋଳମଣ୍ଡପ ସାହିରେ ଥିବା ଜଗାବଳିଆ ଲଜ୍ ପର୍ଯ୍ୟନ୍ତ ଥିବା ଅଞ୍ଚଳରେ ଆଉ କୌଣସି ପ୍ରକାର ଯାନ ପାର୍କିଂ ହୋଇପାରିବ ନାହିଁ କି କୌଣସି ଉଠା ବ୍ୟବସାୟୀ ତଳେ ବସି ବ୍ୟବସାୟ କରିପାରିବେ ନାହିଁ। ପୁରୀ ପୌରସଂସ୍ଥା ଓ ପୋଲିସ ପ୍ରଶାସନ ପକ୍ଷରୁ ଏଭଳି ସର୍କୁଲାର୍ ଜାରି ହେବାପରେ ଭକ୍ତ, ସେବାୟତ ଓ ଉଠାବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରଥମେ ଥଇଥାନ ଓ ପରେ ଉଚ୍ଛେଦ ପାଇଁ ଦାବି କରିଛନ୍ତି।


ପିତୃପକ୍ଷର ପ୍ରଥମ ଦିନରେ ମଙ୍ଗଳବାର ଶ୍ରଦ୍ଧାଳୁମାନେ ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରୁଛନ୍ତି।

# 'ଧାର୍ଯ୍ୟ ସମୟରେ ଦୈନନ୍ଦିନ ନୀତି ଶେଷ କର'



## ଭୋର୍ ୪ଟା ୩୦ରେ ଶ୍ରୀମନ୍ଦିର ଦ୍ୱାର ଫିଟା, ରାତି ୧୧ଟା ୩୦ରେ ପହୁଡ଼

ପୁରୀ ଅଫିସ,୨୧।୯:

ଶ୍ରୀମନ୍ଦିର ଦୈନନ୍ଦିନ ନୀତିକାନ୍ତିକୁ ଶୃଙ୍ଖଳିତ ଓ ସମୟାନୁବର୍ତ୍ତୀ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୀତିକାନ୍ତିରେ ହେଉଥିବା ବିଳମ୍ବ ପ୍ରତି ଧ୍ୟାନ ଦେବା ପାଇଁ ପ୍ରମୁଖ ୧୫ ସେବାୟତ ନିଯୋଗକୁ କୁହାଯାଇଛି। ସାଧାରଣତଃ ରାତ୍ର ପହୁଡରେ ବିଳମ୍ବ ହେଉଥିବାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ କିଭଳି ଭାବେ ରାତ୍ର ପହୁଡ଼ ଶେଷ ହେବ ସେନେଇ ଧ୍ୟାନ ଦିଆଯିବ। ମୁଖ୍ୟତଃ ଭୋର ୪ଟା ୩୦ରେ ଶ୍ରୀମନ୍ଦିର ଦ୍ୱାରଫିଟା ନୀତି ହେବ ଓ ରାତି ୧୧ଟା ୩୦ ସୁଦ୍ଧା ପହୁଡ଼ ହେବ ବୋଲି ସେବାୟତମାନଙ୍କୁ କୁହାଯାଇଛି। ସେହିଭଳି ନୀତିକାନ୍ତି ସମୟରେ ଶୃଙ୍ଖଳା ରକ୍ଷା କରିବା ଉପରେ ପ୍ରଶାସନ ଧ୍ୟାନ ଦେବାକୁ ବୈଠକରେ ମତ ପ୍ରକାଶ ପାଇଛି। ଦୈନନ୍ଦିନ ନୀତିକାନ୍ତି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ସେବାୟତ ଓ ପରିଚାଳନା କମିଟି ସହ ଆଲୋଚନା ହୋଇଛି। ୨୦୧୮ ଦୈନିକ ନୀତିକାନ୍ତି ନେଇ ନିର୍ଦ୍ଧାରିତ ସମୟସାରଣୀ ଏବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ନୀତିକାନ୍ତି ପ୍ରାୟ ୧ ଘଣ୍ଟା ବିଳମ୍ବ ଘଟୁଛି। ଏଣୁ ପୁଣି ନୀତିକାନ୍ତି ଧାର୍ଯ୍ୟ ସମୟାନୁଯାୟୀ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ତେବେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ କିଛି ଦିନ ସମୟ ଲାଗିବ ଓ ସମସ୍ତ ପାଳିଆଙ୍କୁ ଏନେଇ ସୂଚନା ଦିଆଯିବ ବୋଲି ସ୍ଥିର ହୋଇଛି। ବୈଠକରେ ଶ୍ରୀମନ୍ଦିର ନୀତି ପ୍ରଶାସକ, ସୁରକ୍ଷା ପ୍ରଶାସକ, ନିଯୋଗର ସଦସ୍ୟ ଓ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

# ୧୦ହଜାର ହେକ୍ଟର ଧାନ, ଫସଲ ନଷ୍ଟ

କଣାସ,୨୧।୯(ସ୍ୱ.ପ୍ର.)

କଣାସ ବ୍ଳକରେ ପ୍ରବାହିତ ହେଉଥିବା ଦୟା, ରାଜୁଆ, ମଲାଗୁଣୀ, ମକରା, ଲୁଣା, ନଦୀରେ ଲଘୁଚାପ ଜନିତ ବର୍ଷା ଓ ବନ୍ୟାଜଳ ଆସିବାରୁ ୮ଦିନ ହେଲା ନଦୀଗୁଡ଼ିକରେ ବନ୍ୟାଜଳ ବିପଦ ସଙ୍କେତ ଉପରେ ବହୁଥିବାରୁ ଜନସାଧାରଣ ଭୟରେ ରହୁଛନ୍ତି। ଦୟାନଦୀର କଣାସରେ ବିପଦ ସଙ୍କେତ ୩.୯୯ମି ଥିବାବେଳେ ମଙ୍ଗଳବାର ଜଳପତ୍ତନ ୪.୬୯ମି ପ୍ରବାହିତ ହେଉଛି। ଦୟା ଓ ରାଜୁଆ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଦୋକନ୍ଦା, ବଡ଼ାସ, ଗଡ଼ବଡ଼ପୁଟ ପଞ୍ଚାୟତର ଚାଷୀମାନେ କରିଥିବା ପୋଟଳ, କଲରା, ଜହ୍ନି, କାକୁଡି, ବରଗୁଡି, ଲଙ୍କା ପ୍ରଭୃତି ପରିବା ଫସଲ ୮ଦିନ ହେଲା ବୁଡି ରହି ନଷ୍ଟ ହୋଇଯାଇଥିବା ବେଳେ ଧାନ, ଫସଲ ମଧ୍ୟ ନଷ୍ଟ ହୋଇଯାଇଛି। ସେହିପରି ମଲାଗୁଣି ନଦୀରୁ ବାହାରିଥିବା ଉଇଖିଆ ନାଳରେ ଘାଇ ହେବାରୁ ଦିବ୍ୟସିଂହପୁର, ଦେଇପୁର, ଗଡ଼ଖାରଦ, ସାହୁପଡ଼ା, ବକୁ, ଖାଦୁଆ, ଅବାଲ, ଦୋଛିଆଁ ଓ ଗୋପୀନାଥପୁର ପଞ୍ଚାୟତ ଧାନଜମି ଉପରେ ବନ୍ୟାଜଳ ଲହଡ଼ା ଭାଙ୍ଗୁଥିବାରୁ ଧାନଗଛଗୁଡିକ ପଚି ନଷ୍ଟ ହୋଇଯାଇଛି। ସେହିପରି ଗଡ଼ସାନପୁଟ, ଗଡ଼ବଡପୁଟ, ପାଣ୍ଡିଆକେରା ପଞ୍ଚାୟତରେ ଧାନଜମି ବୁଡି ଯାଇ ନଷ୍ଟ ହୋଇଯାଇଛି। ମୋଟାମୋଟି ଭାବେ କଣାସ ବ୍ଳକରେ ପ୍ରାୟ ୧୦ହଜାର ହେକ୍ଟରୁ ଊର୍ଦ୍ଧ୍ୱ ଧାନଜମି ନଷ୍ଟ ହୋଇଯାଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

## ୬ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ଗୋପ,୨୧।୯(ଡି.ଏନ୍.ଏ.)

କୋଣାର୍କ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଗୋପରେ ଚଢ଼ାଉ କରାଯାଇ ଗଞ୍ଜେଇ ବିକ୍ରି ଅଭିଯୋଗରେ ସୁରେନ୍ଦ୍ର ସେଠୀଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୬କିଲୋ ୫୦୦ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏ ନେଇ ଏକ ମାମଲା (ନଂ. ୩୨/୨୧) ରୁଜୁ ହୋଇଛି ବୋଲି ଅବକାରୀ ଏସ୍‌ଆଇ ସ୍ମିତା ପଣ୍ଡା କହିଛନ୍ତି। କୋଣାର୍କ ଅବକାରୀ ବିଭାଗର ଏକ ଟିମ ସକାଳ ୮ରେ ଗୋପ ବେଗୁନିଆ ଛକ ନିକଟରେ ଚଢ଼ାଉ କରି ସୁରେନ୍ଦ୍ରଙ୍କୁ ଧରିଥିଲେ। ପରେ ଏହି ଟିମ ଗୋପ- ଚାରିଛକ ରାସ୍ତାର ପୟରା ଗାଁ ନିକଟ ଏକ ସ୍ଥାନରେ ଚଢାଉ କରିବା ବେଳେ ବ୍ରାଉନସୁଗାର ରଖିଥିବା ଜଣେ ଯୁବକ ଖସିଯିବାରେ ସକ୍ଷମ ହୋଇଥିଲେ।

# ମିତାଞ୍ଜଳୀଙ୍କ ସ୍ୱପ୍ନ ରୋକିଛି ଅଜଣା ରୋଗ

ଚିକିତ୍ସାରେ ବାଧକ ସାଜିଛି ଅର୍ଥାଭାବ

- ସହାୟତା ପାଇଁ ପ୍ରଶାସନର ଦ୍ୱାରସ୍ଥ
- ଜିଲାପାଳଙ୍କ ପ୍ରତିଶ୍ରୁତି ଦେଲା ନୂଆ ଆଶା

ପୁରୀ ଅଫିସ,୨୧।୯:

ଅନ୍ୟମାନଙ୍କ ଭଳି ସେ ବି ହସିଖେଳି ଓ ପାଠପଢ଼ି ଜୀବନ ଜୀଇଁବା ପାଇଁ ଇଚ୍ଛା ରଖିଛନ୍ତି। ହେଲେ ବାଧକ ସାଜିଛି ଅଜଣା ରୋଗ। ତାଙ୍କ ଶରୀରର ବିଭିନ୍ନ ଅଙ୍ଗ ପଚିଯାଇ ପୁଜ ବୋହୁଛି। ଶରୀର ମଧ୍ୟ ବିକୃତ ହୋଇଯାଇଛି। ଏଥିଲାଗି ୨୧ ବର୍ଷୀୟା ମିତାଞ୍ଜଳୀ ସ୍ୱାଇଁ ଘରୁ ପଦାକୁ ଗୋଡ଼ କାଢିବାକୁ ସାହସ ଜୁଟାଇ ପାରୁନାହାନ୍ତି। ତାଙ୍କ ଚିକିତ୍ସା ଲାଗି ଲକ୍ଷାଧିକ ଟଙ୍କା ଆବଶ୍ୟକ। ତେବେ ମିତାଞ୍ଜଳୀଙ୍କ ବାପା ବାଙ୍କନିଧି ସ୍ୱାଇଁ ଜଣେ ଦିନମଜୁରିଆ ହୋଇଥିବାରୁ ଚିକିତ୍ସା ଲାଗି ଏତେ ଟଙ୍କା ଯୋଗାଡ଼ କରିବାର ସାମର୍ଥ୍ୟ ତାଙ୍କ ପାଖରେ ନାହିଁ। ଏଣୁ ବାଧ୍ୟ ହୋଇ ସେ ପରିବାର ସହିତ ମଙ୍ଗଳବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଆର୍ଥିକ ସହାୟତା ଲାଗି ଜିଲାପାଳଙ୍କୁ ଗୁହାରି ଜଣାଇଛନ୍ତି। ବାଙ୍କନିଧିଙ୍କ ସହିତ ଜିଲାପାଳ ସମର୍ଥ ବର୍ମା ଆଲୋଚନା କରିବା ପରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩୦ ହଜାର ଟଙ୍କା ସହାୟତା ମଞ୍ଜୁର କରିଛନ୍ତି। ଏଥିସହ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମିତାଞ୍ଜଳୀଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଫଳରେ ମିତାଞ୍ଜଳୀ ଓ ତାଙ୍କ ପରିବାର ପାଇଁ ଏକପ୍ରକାର ନୂଆ ଆଶା ସୃଷ୍ଟି ହୋଇଛି।

ବାଙ୍କନିଧି କହିଛନ୍ତି, ଝିଅର ଚିକିତ୍ସା ଲାଗି ବିଭିନ୍ନ ସରକାରୀ ଡାକ୍ତରଖାନା ଦୌଡ଼ି ଦୌଡ଼ି ନିରାଶ ହୋଇଛୁ। ପରେ ଘରୋଇ ହସ୍ପିଟାଲରେ ମଧ୍ୟ କିଛିଦିନ ଚିକିତ୍ସା କରାଇଛୁ। ତେବେ ଆବଶ୍ୟକ ସମ୍ବଳ ଅଭାବରୁ ଅଧିକ ଚିକିତ୍ସା କରାଇ ନ ପାରି ନିରାଶ ହୋଇ ଘରକୁ ଫେରିଆସିଥିଲୁ। କିଛି ଦିନ ତଳେ ଏକ ଦୁର୍ଘଟଣାରେ ମିତାଞ୍ଜଳୀଙ୍କ ଗୋଡ଼ ଭାଙ୍ଗିଯାଇଛି। ଅଜଣା ରୋଗ ଦୂରର କଥା, ଭଙ୍ଗା ଗୋଡ଼ ଚିକିତ୍ସା କରାଇବାର ସାମର୍ଥ୍ୟ ମଧ୍ୟ ପରିବାର ପାଖରେ ନାହିଁ। ଏଭଳି ସ୍ଥଳେ ସରକାରୀ ସହାୟତା ପାଇଁ ପୂର୍ବରୁ ସେ ବ୍ଳକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ସେଠାରୁ ନିରାଶ ହେବା ପରେ ଝିଅ ମିତାଞ୍ଜଳୀଙ୍କୁ ଧରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଧାଇଁ ଆସିଛନ୍ତି। ସେହିଭଳି ଫନୀ ବାତ୍ୟାରେ ତାଙ୍କ ଘର ଭାଙ୍ଗିଯାଇଥିଲା। ଅର୍ଥାଭାବରୁ ଆଉ ଘର ତିଆରି କରିପାରୁନାହାନ୍ତି। ତେଣୁ ପକ୍କା ଘର ଯୋଗାଇଦେବା ପାଇଁ ସେ ପ୍ରଶାସନକୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଚିକିତ୍ସା ବ୍ୟବସ୍ଥା ଓ ହୁଇଲଚେୟାର ସହ ମିତାଞ୍ଜଳୀଙ୍କ ପରିବାରକୁ ବାସଗୃହ ଯୋଗାଇଦେବା ପାଇଁ ଜିଲାପାଳଙ୍କୁ କେତେଜଣ ସାମାଜିକ କର୍ମୀ ଅନୁରୋଧ କରିଛନ୍ତି। ଚିକିତ୍ସା ସହାୟତା ଓ ଆବାସ ଯୋଜନାରେ ଘର ଯୋଗାଇଦେବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଜିଲାପାଳ ବର୍ମା ଘଟଣାସ୍ଥଳକୁ ସିଡିଏମ୍‌ଓ ସୁଜାତା ମିଶ୍ରଙ୍କୁ ଡକାଇ ଅଧିକ ଚିକିତ୍ସା ନିମନ୍ତେ ମିତାଞ୍ଜଳୀଙ୍କୁ ଆମ୍ବୁଲାନ୍ସ ଯୋଗେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟକୁ ମିତାଞ୍ଜଳୀ ସ୍ୱାଇଁଙ୍କୁ ପରିବାର ଲୋକେ ଓ ସାମାଜିକ କର୍ମୀ ଆଣୁଛନ୍ତି।

## କାଠଶିଳ୍ପୀଙ୍କ ବୃତ୍ତି ସୁରକ୍ଷା ପାଇଁ ପଦକ୍ଷେପ ଦାବି

ପୁରୀ ଅଫିସ, ୨୧।୯:

ପୁରୀ ଜିଲା କାଠ କାରିଗର ଓ ଶିଳ୍ପୀ ସଂଘ ପକ୍ଷରୁ କ୍ଷେତ୍ରବାସୀ ମହାରଣାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ମନୋରଞ୍ଜନ ମହାରଣା କହିଥିଲେ, ସରକାରଙ୍କ ପ୍ରଚଳିତ ନୀତି କାଠ କାରିଗରଙ୍କ ଜୀବିକା ପ୍ରତି ବିପଦ ଆଣିଛି। ଏହାକୁ ଶିଳ୍ପ ମାନ୍ୟତା ଦେଇ ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମ କରାଗଲେ ଭବିଷ୍ୟତ ଜୀବିକା ସୁରକ୍ଷା ହୋଇପାରିବ। ସେହିପରି ଦେଶରେ ମାନ୍ଦାବସ୍ଥା ଯୋଗୁ ଶିଳ୍ପ କାରଖାନାରେ କର୍ମ ସଂସ୍ଥାନ କମୁଛି। ଚାଷକ୍ଷେତ୍ର ମଧ୍ୟ ପ୍ରଭାବିତ ହେଉଛି। ଫଳରେ ଲୋକେ ନିର୍ମାଣ କ୍ଷେତ୍ରକୁ ଆଦରି ନେଉଛନ୍ତି। ତେଣୁ କାଠ ଶିଳ୍ପୀଙ୍କ ବୃତ୍ତି ସୁରକ୍ଷା ଦିଗରେ ସରକାର ପଦକ୍ଷେପ ନେବାକୁ ଦାବି କରାଯାଇଛି। ଉପଦେଷ୍ଟା ଶରତ କୁମାର ରାୟଗୁରୁ, ଅଧାପକ ସୁରେନ୍ଦ୍ର କୁମାର ଜେନା ଓ ଶ୍ରମିକ ନେତା ଜଗନ୍ନାଥ ଦେଓ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଗୌତମ ମହାରଣା, ହାଡ଼ିବନ୍ଧୁ ମହାରଣା, ସତ୍ୟଜିତ ମହାରଣା, ନବୀନ ମହାରଣା, ଜମ୍ବେଶ୍ୱର ଓଝା, ସୁଦର୍ଶନ ମହାରଣା ଏବଂ ଦେବରାଜ ଓଝା ପ୍ରମୁଖ ଉପସ୍ଥିତ ଥିଲେ। ପବିତ୍ର ଓଝା ଧନ୍ୟବାଦ ଦେଇଥିଲେ।

# ପିଲାଙ୍କୁ ନେଇ ଭାଗବତ ପାଠ ପ୍ରତିଯୋଗିତା


ଭାଗବତ ପଠନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ପୁରୀ ଅଫିସ, ୨୧।୯:

ପବିତ୍ର ଭାଗବତ ଜନ୍ମ ଉପଲକ୍ଷେ ପୁରୀ ବଡ଼ ଓଡ଼ିଆ ମଠ ପରିସରରେ ମଙ୍ଗଳବାର 'ଆପଣଙ୍କ ସେବାରେ' ଅନୁଷ୍ଠାନ ପକ୍ଷରୁ ବିଦ୍ୟାଳୟସ୍ତରୀୟ ଭାଗବତ ପାଠ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନର ୪୮ଜଣ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ରାଜ୍ୟ ସଭାପତି ଜିତେନ୍ଦ୍ର ମହାପାତ୍ର, ମହାସଚିବ ମନୋଜ କୁମାର ରଥ, ଉପସଭାପତି ମନୋଜ କୁମାର ବ୍ରହ୍ମା, ମୁଖପାତ୍ର ଜଗଦୀଶ ପ୍ରଧାନ, ସେବା ପ୍ରମୁଖ ଦେବେନ୍ଦ୍ର ମହାରଣା, କୋଷାଧ୍ୟକ୍ଷ ରଞ୍ଜିସ ପ୍ରଧାନ, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଣ୍ଡିତ ପଦ୍ମନାଭ ତ୍ରିପାଠୀ, କବି ଶିବସୁନ୍ଦର ମିଶ୍ର, ସନ୍ଧ୍ୟାରାଣୀ ସେଠୀ ଓ ରବୀନ୍ଦ୍ରନାଥ ପଟ୍ଟନାୟକ ପ୍ରମୁଖ ପ୍ରତିଯୋଗିତାରେ ବିଚାରକ ଭାବେ ଯୋଗଦେଇଥିଲେ।

# ରାୟ ରାମାନନ୍ଦ ଜଣେ ମହାନ୍ ସାଧକ, ଦାର୍ଶନିକ ଥିଲେ

ରାୟ ରାମାନନ୍ଦ ସ୍ମୃତି ପରିଷଦ ଓଡ଼ିଶା ଗଠିତ

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

ଶ୍ରୀ ଚୈତନ୍ୟଙ୍କ ପାର୍ଷଦ ରାୟ ରାମାନନ୍ଦ ପଟ୍ଟନାୟକ ଜଣେ ମହାନ ସାଧକ ଥିଲେ। ଅଭିଜ୍ଞ ପ୍ରଶାସକ ଓ କବି ଭାବରେ ମଧ୍ୟ ବେଶ୍ ସୁନାମ ଥିଲା। ତାଙ୍କ ନାଁରେ ରାଜ୍ୟସ୍ତରୀୟ ସାମାଜିକ, ଧାର୍ମିକ ତଥା ସାଂସ୍କୃତିକ ସଂଗଠନ 'ରାୟ ରାମାନନ୍ଦ ସ୍ମୃତି ପରିଷଦ ଓଡ଼ିଶା' ଗଠନ ଅବସରରେ ଅତିଥିମାନେ ଏହା କହିଛନ୍ତି। ମଙ୍ଗଳବାର ଧର୍ମବିହାର ଜଗନ୍ନାଥ ମନ୍ଦିର ପରିସରରେ ରାମାନନ୍ଦଙ୍କ ୯ମ ପିଢ଼ିର ବଂଶଧର ସମାଜସେବୀ ଦିଲୀପ ପଟ୍ଟନାୟକଙ୍କ ଆବାହକତ୍ୱରେ ରାଜ୍ୟସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ରାୟ ରାମାନନ୍ଦଙ୍କ ସ୍ମୃତିରକ୍ଷା, ଗବେଷଣା ଏବଂ ତାଙ୍କ ପ୍ରଚାରିତ ଧର୍ମ ଓ ଦର୍ଶନର ପ୍ରଚାର ପ୍ରସାର ପାଇଁ ଏହି ସଂଗଠନ କାର୍ଯ୍ୟ କରିବ ବୋଲି ପଟ୍ଟନାୟକ କହିଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ବିଷ୍ଣୁପ୍ରିୟା ଓତା, ବରିଷ୍ଠ ସାରସ୍ୱତ ସାଧକ ପୀତବାସ ରାଉତରାୟ, ଗବେଷକ ଡ. ଭାସ୍କର ଚନ୍ଦ୍ର ମିଶ୍ର, ଗୋପାଳ କୃଷ୍ଣ ଦାସ, ସାହିତ୍ୟିକ ଡ. ସୁରେଶ ଛୋଟରାୟ ପ୍ରମୁଖ ଯୋଗଦେଇ ରାୟ ରାମାନନ୍ଦଙ୍କ ସମ୍ପର୍କରେ କହିଥିଲେ। ଏଥିସହ ତାଙ୍କ ଜନ୍ମସ୍ଥାନ ପୁରୀ ବ୍ରହ୍ମଗିରିର ବେଣ୍ଟପୁର ଏବଂ କର୍ମସ୍ଥଳ ଦାକ୍ଷିଣାତ୍ୟର ରାଜ ମହେନ୍ଦ୍ରି ଓ ଶ୍ରୀକ୍ଷେତ୍ର ପୁରୀକୁ ନେଇ ଏକ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ବେଣ୍ଟପୁର ଗ୍ରାମକୁ ଐତିହ୍ୟ ଗ୍ରାମ ରୂପେ ଘୋଷଣା କରିବା ପାଇଁ ପ୍ରସ୍ତାବ ରଖାଯାଇଥିଲା।


ବୈଠକରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

# ଡକାୟତି ଉଦ୍ୟମ ମାମଲାରେ ୪ ଗିରଫ: ୨ ଖଣ୍ଡା ଜବତ

- ଗିରଫ ଅଭିଯୁକ୍ତ ପରିବାରଙ୍କ ଥାନା ଆଗରେ ଧାରଣା
- ପୋଲିସ ମିଥ୍ୟା ମାମଲା ରୁଜୁ କରିଥିବା ଅଭିଯୋଗ

ନିମାପଡ଼ା,୨୧।୯(ଡି.ଏନ୍.ଏ.)

ଚାରିଛକ ଫାଣ୍ଡି ଅନ୍ତର୍ଗତ ଚଉରାଶୀ ବରାହୀ ମନ୍ଦିର ନିକଟରେ କେତେଜଣ ଯୁବକ ଡକାୟତି ଉଦ୍ୟମ ଚଳାଉଥିଲେ। ମଙ୍ଗଳବାର ଭୋରୁ ନିମାପଡ଼ା ଥାନା ଓ ଚାରିଛକ ଫାଣ୍ଡି ପୋଲିସ ବିଶେଷସୂତ୍ରରୁ ଖବରପାଇ ସେଠାରେ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚାରିଛକ ଫାଣ୍ଡି ଅଗରଶାସନ ଗ୍ରାମର ସୂର୍ଯ୍ୟକାନ୍ତ ତ୍ରିପାଠୀ(୩୪), ମାନସ ଭୋଇ(୨୮), ତମ୍ପାଲୋ ଗ୍ରାମର ଦୁଃଶାସନ ସାହୁ(୪୫) ଓ ଅଳକୁଣ୍ଡ ଗ୍ରାମର ସୁଶାନ୍ତ ମହାନ୍ତି(୪୦)। ପୋଲିସ ସେମାନଙ୍କଠାରୁ ୨ଟି ଖଣ୍ଡା, ଗୋଟିଏ ଟର୍ଚ୍ଚଲାଇଟ, ୪ଟି ମଦ ବୋତଲ, ମହମବତୀ ଜବତ କରିଛି। ଏ ନେଇ ପୋଲିସ ଦଫା ୩୯୯, ୪୦୨ରେ ଏକ ମାମଲା(ନଂ.୩୨୬/୨୧) ରୁଜୁ କରି ତଦନ୍ତ ଚଳାଇଛି। ତେବେ ଗିରଫ ଅଭିଯୁକ୍ତମାନଙ୍କୁ ଅପରାହ୍ଣରେ କୋର୍ଟ ଚାଲାଣ କରିବାକୁ ଯିବାବେଳେ ପୋଲିସକୁ ବହୁ ହଟହଟା ହେବାକୁ ପଡ଼ିଛି। ଗିରଫ ଅଭିଯୁକ୍ତମାନଙ୍କ ପରିବାର ଲୋକ ଏହି ଖବର ପାଇ ଗିରଫକୁ ବିରୋଧ କରିବା ସହ ପୋଲିସ ମିଥ୍ୟା ମାମଲା ରୁଜୁ କରି କୋର୍ଟ ଚାଲାଣ କରିବାକୁ ମସୁଧା ଚଲାଇଛି ବୋଲି ଅଭିଯୋଗ କରିଛନ୍ତି। ଏପରିକି ଏହାର ପ୍ରତିବାଦରେ ଅଭିଯୁକ୍ତମାନଙ୍କ ପରିବାର ପକ୍ଷରୁ ନିମାପଡ଼ା ଥାନା ଭିତରେ ପଶି ପୋଲିସ ଭ୍ୟାନ ଆଗରେ ଧାରଣା ଦେଇଥିଲେ। ପୋଲିସ ମିଥ୍ୟା ମାମଲା ରୁଜୁ କରି ସେମାନଙ୍କୁ ଗିରଫ କରିଛି ବୋଲି ଗିରଫ ଦୁଃଶାସନଙ୍କ ସ୍ତ୍ରୀ ମମତା, ସୂର୍ଯ୍ୟକାନ୍ତଙ୍କ ପିତା ଦିବ୍ୟାକର, ମାନସଙ୍କ ଭାଇ ରମେଶ ଓ ସୁଶାନ୍ତଙ୍କ ପିତା ପୂର୍ଣ୍ଣଚନ୍ଦ୍ର ପ୍ରମୁଖ କହିଛନ୍ତି। ପୋଲିସର ଏଭଳି କାର୍ଯ୍ୟକୁ ଗିରଫ ଯୁବକଙ୍କ ଗ୍ରାମବାସୀ ନିନ୍ଦା କରିବା ସହ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ନିମାପଡ଼ା ଆଇଆଇସି ଶଙ୍କର୍ଷଣ ଦଳେଇ କହିଛନ୍ତି, ପୋଲିସ ପକ୍ଷରୁ କୌଣସି ବେଆଇନ କାର୍ଯ୍ୟ କରାଯାଇ ନାହିଁ। ଡକାୟତି ଉଦ୍ୟମ ଚାଲିଥିବା ସୂଚନା ପାଇବା ପରେ ଚଢ଼ାଉ କରି ଯୁବକମାନଙ୍କୁ ଧରିଛୁ। ତେଣୁ ଆଇନ ଅନୁଯାୟୀ ସବୁ ହୋଇଛି। ଏବେ ତଦନ୍ତ ଚାଲିଥିବାବେଳେ ପରେ ଯାହା ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ଗିରଫ ଅଭିଯୁକ୍ତଙ୍କ ପରିବାର ଲୋକେ ଥାନା ଆଗରେ ଧାରଣା ଦେଇଛନ୍ତି।